୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.163 Bhubaneswar Saturday August 03 2024 | ୨୬ତମ ବର୍ଷ ସଂଖ୍ୟା-୧୬୩ ଭୁବନେଶ୍ୱର, ଶନିବାର, ଅଗଷ୍ଟ ୦୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ୱାଇବି ଖୁରାନିଆ ହେବେ ରାଜ୍ୟର ନୂଆ ପୁଲିସ ଡିଜି !

ଭୁବନେଶ୍ୱର, ୨।୮(ପି.ଏନ): ୧୯୯୦ ବ୍ୟାଚ୍ ଆଇପିଏସ୍ ଯୋଗେଶ ବାହାଦୂର ଖୁରାନିଆ ରାଜ୍ୟର ପରବର୍ତ୍ତୀ ପୁଲିସ ଡିଜି ହେବେ । ନିଯୁକ୍ତି ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି ଆଜି ତାଙ୍କ ଡେପୁଟେସନ ଅବଧିକୁ ଆଗୁଆ ସମାପ୍ତ କରି ଓଡିଶା କ୍ୟାଡରକୁ ଫେରାଇ ଦେବାପରେ ସେ ରାଜ୍ୟର ନୂଆ ପୁଲିସ ଡିଜି ହେବେ ବୋଲି ପ୍ରାୟତଃ ସ୍ପଷ୍ଟ ହୋଇଛି । ଏବେ ରାଜ୍ୟରେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅରୁଣ କୁମାର ଷଡଙ୍ଗୀ ଅସ୍ଥାୟୀ ଡିଜି ଭାବେ କାର୍ଯ୍ୟରତ ଅଛନ୍ତି ।କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଜୁଲାଇ ୨୬ତାରିଖର ପ୍ରସ୍ତାବ ଆଧାରରେ ବିଏସପି ସ୍ପ ?ଶାଲ ଡିଜି ୧୯୯୦ ବ୍ୟାଚ୍ ଆଇପିଏସ୍ ଶ୍ରୀ ଖୁରାନିଆଙ୍କୁ ତତ୍କାଳ ପ୍ରଭାବରୁ ନିଜ କ୍ୟାଡର(ଓଡିଶା)କୁ ଫେରାଇ ଦେବା ପାଇଁ କେନ୍ଦ୍ର ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଅନୁମୋଦନ କରିଛନ୍ତି । ଶ୍ରୀ ଖୁରାନିଆଙ୍କ କେନ୍ଦ୍ରୀୟ ଡେପୁଟେସନକୁ ଆଗୁଆ ସମାପ୍ତ କରି ଓଡିଶା ଫେରାଇ ଦିଆଯାଇଥିବାରୁ ସେ ରାଜ୍ୟର ପରବର୍ତ୍ତୀ ପୁଲିସ ଡିଜି ହେବା ପ୍ରାୟତଃ ସ୍ପଷ୍ଟ ହୋଇଯାଇଛି ।



## ରାଜ୍ୟ ସରକାରଙ୍କ ୩ ଦିନିଆ ନିବେଶକ ସମ୍ମିଳନୀ: ଓଡ଼ିଶାକୁ ଚଳିତ ବର୍ଷ ଅଧିକ ପୁଞ୍ଜି ଆଣିବାକୁ ଲକ୍ଷ୍ୟ, ସୂଚନା ଦେଲେ ଶିଳ୍ପମନ୍ତ୍ରୀ

ଭୁବନେଶ୍ୱର, ୨।୮(ପି.ଏନ): ରାଜ୍ୟ ସରକାର କରିବେ ନିବେଶକ ସମ୍ମିଳନୀ । ଏହା ଚଳିତ ମାସ ଅଗଷ୍ଟ ୭ ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହେବ । ନିବେଶକ ସମ୍ମିଳନୀଟି ପୁଣେ ଓ ଅହମ୍ମଦାବାଦରେ ହେବାକୁ ଯାଉଛି । ସମ୍ମିଳନୀରେ ଯୋଗଦେବେ ଶିଳ୍ପ, ଏମଏସଏମଇ ମନ୍ତ୍ରୀଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ।ଖବର ଅନୁସାରେ, ସମ୍ମିଳନୀରେ ଅଟୋମୋବାଇଲ୍, ଫୁଡ୍ ପ୍ରୋସେସିଂ, ଡାଉନ୍ ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ଆଦି ଯୋଗଦେବେ । ଏହି ବୈଠକରେ ନିବେଶକମାନଙ୍କ ସହ ସରକାର ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବେ । ଚଳିତ ବର୍ଷ ଉତ୍କଳ ଉତ୍କର୍ଷ ସମ୍ମିଳନୀ ଆୟୋଜିତ କରି ଅଧିକ ପୁଞ୍ଜି ଆଣିବାକୁ ଲକ୍ଷ ରଖିଛନ୍ତି ରାଜ୍ୟ ସରକାର ।୨୦୨୯ ସୁଦ୍ଧା ଅଢେଇ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ଆଣିବାକୁ ଲକ୍ଷ ରଖିଛନ୍ତି ରାଜ୍ୟ ସରକାର । ଏନେଇ ସୂଚନା ଦେଇଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ।



## ହୀରାକୁଦର ୬ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟାଜଳ

ସମ୍ବଲପୁର, ୨।୮(ପି.ଏନ): ହୀରାକୁଦରେ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ବାମ ପାଖରେ ୪ଟି ଡାହାଣ ପାଖର ୨ଟି ଗେଟ ଦେଇ ପାଣି ନିଷ୍କାସିତ ହେଉଛି । ସେହିପରି ଗତକାଲି ହୀରାକୁଦରେ ୧୪ଟି ଗେଟ ଖୋଲା ଥିବା ବେଳେ, ଗୁରୁବାର ସକାଳ ୬ଟା ସୁଦ୍ଧା ଜଳସ୍ତର ୬୦୯.୨୯ ଫୁଟ୍ ରହିଥିଲା । ଏଥିସହ ୧ ଲକ୍ଷ ୩୯ ହଜାର ୯୪୯ କ୍ୟୁସେକ ଜଳ ପ୍ରବେଶ କରୁଥିଲା । ମୁଣ୍ଡଳିରେ ଖସିବାରେ ଲାଗିଛି ମହାନଦୀ ଜଳସ୍ତର । ମୁଣ୍ଡଳିରେ ଗତକାଲି ୪ ଲକ୍ଷ ୨୬ ହଜାର ୧୧୨ କ୍ୟୁସେକ ଜଳ ପ୍ରବାହିତ ହେଉଥିଲା ।ସେହିପରି ଗତକାଲି ଅପରାହ୍ନରେ ହୀରାକୁଦରେ ୨ଟି ଗେଟ ବନ୍ଦ ହୋଇଥିଲା । ରବିବାର ଦିନ

## ଦିନଦ୍ୱିପହରରେ ଭୂଜାଲିରେ ହାଣି ୯ଲକ୍ଷ ଲୁଟ

କେନ୍ଦ୍ରାପଡ଼ା, ୨।୮(ପି.ଏନ): ଏକ ଆଳୁଗୋଦାମର ମ୍ୟାନେଜରଙ୍କୁ ସ୍ପଷ୍ଟ ଦିବାଲୋକରେ ଭୂଜାଲିରେ ହାଣି ତାଙ୍କ ପାଖରୁ ୯ଲକ୍ଷ ଟଙ୍କା ଲୁଟି ନେଇଥିବା କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ ହୋଇଛି। ଦୈତାରୀ - ପାରାଦୀପ ଜାତୀୟ ରାଜପଥର ବିଶ୍ୱାଳ ଢାବା ନିକଟସ୍ଥ ରାସ୍ତା ଉପରେ ଏହି ଲୁଟର ଶୀକାର ହୋଇଛନ୍ତି ଗୋପଛକରେ ଥିବା ଆଳୁ ଗୋଦାମର ମ୍ୟାନେଜର ସୁଶାନ୍ତ ସାହୁ। ଆକ୍ରମଣରେ ସୁଶାନ୍ତ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖବର ଅନୁଯାୟୀ ବଗଡା ଗ୍ରାମପଞ୍ଚାୟତର ଭୂଇଁପୁର ଗ୍ରାମର ବିଶ୍ୱଜିତ ଦାସଙ୍କ ଗୋପଛକରେ ଥିବା ଆଳୁ ଗୋଦାମରେ ସୁଶାନ୍ତ ମ୍ୟାନେଜର ଅଛନ୍ତି। ସେ ଆଜି ଅପରାହ୍ନରେ ଗୋଦାମରୁ ୯ଲକ୍ଷ ଟଙ୍କା ଗୋଟିଏ ବ୍ୟାଗରେ ନେଇ ଶ୍ୟାମସୁନ୍ଦରପୁର ଛକ ଦେଇ କେନ୍ଦ୍ରାପଡା ସହରରେ ଥିବା ଏଚ.ଡି.ଏଫ.ସି. ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ସେ ଦୈତାରୀ - ପାରାଦୀପ ଜାତୀୟ ରାଜପଥର ବିଶ୍ୱାଳ ଢାବା ନିକଟରେ ହୋଇଥିବା ବେଳେ ପଛପଟୁ ଦୁଇଜଣ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ଏକ ଭୂଜାଲିରେ ପଛପଟ ତାଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ଫଳରେ ସୁଶାନ୍ତ ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ଟଳି ପଡିଥିଲେ। ଏତିକିବେଳେ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ ଧରି ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସୁଶାନ୍ତଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବରପାଇ କେନ୍ଦ୍ରାପଡା ଏସଡିପିଓ ଦେବେନ୍ଦ୍ର ମଲ୍ଲିକ ଓ ସଦର ଥାନା ଅଧିକାରୀ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ଏସଡିପିଓ ଶ୍ରୀ ମଲ୍ଲିକଙ୍କୁ ପଚାରାଯିବାରେ ସେ କହିଥିଲେ ଯେ ଲୁଟ କରିବା ପରେ ଦୁର୍ବୃତ୍ତମାନେ ଦୁହୁରିଆ ଆଡକୁ ପଳାଇଯାଇଛନ୍ତି। ଆମେ ନିକଟରେ ଥିବା ସିସି ଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ କରୁଛୁ। ଖୁବଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ।

## ରାଜ୍ୟରେ ଆଳୁ ସଙ୍କଟର ଫିଟୁଛି ବାଟ: ଯୋଗାଣ ମନ୍ତ୍ରୀଙ୍କ ସହ ବ୍ୟବସାୟୀ ସଂଘର ଚାଲିଛି ବୈଠକ

ଭୁବନେଶ୍ୱର, ୨।୮(ପି.ଏନ): ଓଡିଶାରେ ଆଳୁ କୁ ନେଇ ଯେଉଁ ସମସ୍ୟା ଲାଗି ରହିଛି ତାର ସମାଧାନ ଦିଗରେ ସରକାର ଗୁରୁତ୍ୱ ସହ ବ୍ୟବସାୟୀ ସଙ୍ଘ ମାନଙ୍କ ସହିତ ଆଲୋଚନା କରିଛନ୍ତି । ଭଦ୍ରକ ସର୍କିଟ ହାଉସ ଠାରେ ରହି ଉପ-ଜିଲ୍ଲାପାଳ ଓ ଯୋଗାଣ ବିଭାଗ ଅଧିକାରୀ ଓ ରାଇସ ମିଲ ମାଲିକ ସଙ୍ଘ ଓ ବ୍ୟବସାୟୀ ମାନଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ଆଜି ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର ବାରିପଦା ଯାଉଥିବା ଅବସରରେ ଭଦ୍ରକ ସର୍କିଟହାଉସ ଠାରେ ତାଙ୍କୁ ଭଦ୍ରକ ଜିଲ୍ଲା ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ରାଜ୍ୟରେ ଖାଉଟି କାର୍ଡ ହାତେଇଥିବା ଅଯୋଗ୍ୟ ହିତାଧିକାରୀ ମାନଙ୍କୁ କାଟିବା ଓ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଯୋଡିବା ଉପରେ ବିଶେଷ କରି ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସେ ଆହୁରି କହିଥିଲେ, ପଶ୍ଚିମବଙ୍ଗର ମନମୁଖୀ କାର୍ଯ୍ୟକୁ ରୋକିବା ପାଇଁ ଉତ୍ତରପ୍ରଦେଶରୁ ଆଳୁ ଅଣାଯାଉଛି । ତେବେ ଆଳୁ ଯେଉଁ ପରି ଅଧିକ ଉତ୍ପାଦନ ହେବ ଏବଂ ପନିପରିବା ସହିତ ଆଳୁ କିପରି ଶୀତଳ ଭଣ୍ଡାରରେ ଉତ୍ପାଦନ ସମୟରେ ରହି ପାରିବ ତାହା ଉପରେ ଆଲୋଚନା ଚାଲିଛି । ତେଣୁ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଦିଲ୍ଲୀରେ ଭୁଶୁଡ଼ିଲା ୨ ମହଲା କୋଠା, ଏକାଧିକ ଲୋକ ଫସି ରହିଥିବା ଆଶଙ୍କା

ଭୁବନେଶ୍ୱର, ୨।୮(ପି.ଏନ): ଦିଲ୍ଲୀର ଏକ ଦୁଇ ମହଲା କୋଠା ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ଉତ୍ତର-ପଶ୍ଚିମ ଦିଲ୍ଲୀର ଜାହାଙ୍ଗିରପୁରରେ ଏହି ଅଘଟଣ ଘଟିଛି। ଭଗ୍ନାବଶେଷ ତଳେ ଏକାଧିକ ଲୋକ ଚାପି ରହିଥିବା ଆଶଙ୍କା କରାଯାଉଛି ।ଖବର ପାଇ ଅଗ୍ନିଶମ ବାହିନୀ ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଖବର ଲେଖା ହେବା ସୁଦ୍ଧା ଜଣେ ମହିଳାଙ୍କ ସମେତ ତିନି ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା।



## ଟଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳାଙ୍କୁ ସ୍ପେଶ ଷ୍ଟେସନକୁ ପଠାଇବ ନାସା

ଭୁବନେଶ୍ୱର, ୨।୮(ପି.ଏନ): ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳାଙ୍କୁ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନ (ଆଇଏସଏସ)କୁ ପଠାଇବ। ଭାରତ ଓ ଆମେରିକା ସ୍ପେଶ ମିଶନ ଅଧୀନରେ ନାସା ପକ୍ଷରୁ କ୍ୟାପ୍ଟେନ ଶୁକ୍ଳାଙ୍କୁ ଚୟନ କରାଯାଇଥିବା ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ରୋର ମାନବ ମହାକାଶ ବିମାନ କେନ୍ଦ୍ର(ଏଚ୍ଏସ୍ଏଫସି) ଆମେରିକା ଭିତ୍ତିକ ଆକ୍ସିମୋ ସ୍ପେଶ ସହିତ ମହାକାଶ ବିମାନ ଚୁକ୍ତି(ଏସଏଫଏ) କରିଛି। ଆଇଏସଏସକୁ ଆଗାମୀ ଆକ୍ସିମୋ-୪ ମିଶନ ପାଇଁ ଏପରି ଚୁକ୍ତି କରାଯାଇଛି। ଏହି ମିଶନରେ ଦୁଇ ଜଣ ଭାରତୀୟ ଜଣେ ପ୍ରାଇମ ଓ ଜଣେ ବ୍ୟାକଅପ ପାଇଲଟ ରହିବେ ।ଇସ୍ରୋର ସୂଚନା ଅନୁଯାୟୀ, ମିଶନରେ ଗ୍ରୁପ କ୍ୟାପ୍ଟେନ ଶୁକ୍ଳା ପ୍ରାଇମ ମିଶନ ପାଇଲଟ ରହିବେ। ସେହିପରି ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପ୍ଟେନ ପ୍ରଶାନ୍ତ ବାଲକ୍ରିଷ୍ଣନ ନାଏର ବ୍ୟାକଅପ ମିଶନ ପାଇଲଟ ଭାବେ କାମ କରିବେ। ଦୁଇ ଅଧିକାରୀଙ୍କ ଟ୍ରେନିଂ ଯାହା ଗଗନଯାତ୍ରୀ ନାମରେ ପରିଚିତ ଅଗଷ୍ଟ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଯିବ ।ମିଶନ ସମୟରେ ଅଧିକାରୀମାନେ ଆଇଏସଏସରେ ନିର୍ଦ୍ଦିଷ୍ଟ ବିଜ୍ଞାନଭିତ୍ତିକ ଗବେଷଣା ଓ ଟେକ୍ନୋଲୋଜିର ପରୀକ୍ଷାନୀରିକ୍ଷା ଉପରେ କାମ କରିବେ। ଏଥିସହ ମହାକାଶର ବିଭିନ୍ନ କାର୍ଯ୍ୟକ୍ରମକୁ ମଧ୍ୟ ତଦାରଖ କରିବେ।



## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ: ଦୁଇଦିନ ପ୍ରବଳରୁ ଅତିପ୍ରବଳ ବର୍ଷା, ଏହିସବୁ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର : ବଙ୍ଗୋପସାଗରରେ ଗୁରୁବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଉତ୍ତର ଓଡିଶା ଓ ଉତ୍ତର ବଙ୍ଗୋପସାଗରରେ ଘନୀଭୂତ ହୋଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିବ । ଏପରିକି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ସେ କହିଛନ୍ତି, ୨ଓ ୩ ଦୁଇଦିନ ଧରି ଅତି ପ୍ରବଳ ବର୍ଷା ଲାଗି ରହିବ ।ତେବେ ବନ୍ୟା ସଂପର୍କରେ ଶ୍ରୀ ମହାପାତ୍ର କହିଥିଲେ ଯେ ଏହା ବହୁ ଫ୍ୟାକ୍ଟର ଉପରେ ନିର୍ଭର କରିଥାଏ । କିନ୍ତୁ ଏକଥା ସତ, ରାଜ୍ୟର ବିଭିନ୍ନ ସ୍ଥାନରେ ଦୁଇଦିନ ଧରି ୨୦ ସେଣ୍ଟିମିଟରରୁ ଅଧିକ ବର୍ଷାର ସମ୍ଭାବନା ରହିଛି । ସେ କହିଛନ୍ତି, ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଘନୀଭୂତ ହୋଇ ଧୀରେ ଧୀରେ ପଶ୍ଚିମ-ଉତ୍ତର ଦିଗରେ ଗତି କରିବ । ଛତିଶଗଡ, ପୂର୍ବ ମଧ୍ୟପ୍ରଦେଶ ଓ ଝାଡଖଣ୍ଡରେ ଏହା ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟ ହେବ । ଅନ୍ୟପକ୍ଷରେ ଝାଡଖଣ୍ଡ ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳ ଉପରେ ରହିଥିବା ଘୂର୍ଣ୍ଣିବଳୟ ସହ ସକ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି । କେଉଁଠି ଝିପିଝିପି ବର୍ଷା ହେଉଛି ତ ଆଉ କେଉଁଠି ମୂଷଳ ଧାରାରେ ବର୍ଷା ହେଉଛି । ତୁହାକୁ ତୁହା ବର୍ଷା ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।ଅନୁଗୋଳ, ବୌଦ୍ଧ, ନୟାଗଡ, ଢେଙ୍କାନାଳ ଓ କଟକ ଜିଲ୍ଲାର କେତେକ ଅଞ୍ଚଳରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ସୁନ୍ଦରଗଡ,

## ରାଜ୍ୟରେ ଏଥର ସମସ୍ତ ସରକାରୀ କାର୍ଯ୍ୟାଳରେ ଓଡିଆ ଭାଷାରେ ଲେଖା ରହିବ ଫାଇଲ: ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ସୂଚନା

ଭୁବନେଶ୍ୱର, ୨।୮(ପି.ଏନ): ରାଜ୍ୟରେ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟ କରାଯିବ । ଏ ପ୍ରସଙ୍ଗରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ରାଜ୍ୟରେ ବିଜେପି ସରକାରର ପ୍ରଥମ ଦିନରୁ ମାନ୍ୟବର ମୁଖ୍ୟମନ୍ତ୍ରୀ କହିସାରିଛନ୍ତି ଓଡିଶାର ଶାସନ ଓଡ଼ିଆ ରେ ହେବ ।ଏଥିସହ ସମସ୍ତ ସରକାରୀ ଫାଇଲ ଓ ନଥିରେ ଲେଖା ଯାଉଥିବା ଲେଖାସବୁ ଓଡ଼ିଆ ଭାଷାରେ ରହିବ। ଏ କଥା କୁ ଆମେ ଗୁରୁତର ସହ ବିଚାର କରୁଛୁ ଏବଂ ଓଡିଶା ରେ ଓଡ଼ିଆ ଭାଷାରେ ଶାସନ ହେବ ଓ ତାର ବିରୁଦ୍ଧଆଚରଣ କଲେ ଦଣ୍ଡ ବିଧାନ ହେବ ।ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି। ଦଣ୍ଡ ବିଧାନ ଠାରୁ ଆମେ ଯଦି ଏହା ଉପରେ ଗୁରୁତ୍ୱ ପ୍ରଦାନ କରିବା ତେବେ ନିଶ୍ଚିତ ଭାବରେ ଏକଥା ଠିକ ଭାବରେ ସମ୍ପାଦିତ ହୋଇପାରିବ ବୋଲି ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟାବଂଶୀ ସୁରଜ କହିଛନ୍ତି ।




## ଅଧିକ୍ଷଣ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ: ଠାବ ହେଲା ଏତିକି ସମ୍ପତ୍ତି

ବାଲେଶ୍ୱର, ୨।୮(ପି.ଏନ): ଆଜି ସକାଳୁ ସକାଳୁ ଅଧିକ୍ଷଣ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଜଣାପଡିଛି ଏହି ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ପ୍ରଧାନଙ୍କର ୮୫ଟି ପ୍ଲଟ ରହିଛି ବୋଲି ଜଣାପଡିଛି । ଡେଲାଙ୍ଗରେ ରହିଛି ୪ଟି ପ୍ଲଟ, ପଶ୍ଚିମବଙ୍ଗରେ ଗୋଟିଏ ପ୍ଲଟ ରହିଥିବା ବେଳେ ୧୧ ଲକ୍ଷ ୭୦ ହଜାର ୯୮୦ ଟଙ୍କା ନଗଦ ଜବତ କରାଯାଇଛି । ୨୧୮ ଗ୍ରାମ ସୁନା, ଗୋଟିଏ ସୁନା ବିସ୍କୁଟ ମଧ୍ୟ ଜବତ କରାଯାଇଛି । ୫ ମହଲା କୋଠା ଓ ଏକ ମାର୍କେଟ କମ୍ପ୍ଲେକ୍ସ ଠାବ ହୋଇଛି । ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ପ୍ରଧାନଙ୍କ ଘରେ ଆଜି ଭିଜିଲାନ୍ସ ଚଢ଼ାଉ କରିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ାଉ ଚାଲିଛି । ତେବେ ଏହି ଚଢ଼ାଉରେ ଭିଜିଲାନ୍ସର ୯ ଜଣିଆ ଟିମ ଚଢ଼ାଉରେ ସାମିଲ ଅଛନ୍ତି । ଅଧିକ୍ଷଣ ଯନ୍ତ୍ରୀଙ୍କ ଅଫିସ ଓ ସରକାରୀ ବାସଭବନରେ ଚଢ଼ାଉ ଚାଲିଥିବା ଜଣାପଡିଛି । ଏଥିସହ ଜଳେଶ୍ୱରସ୍ଥିତ ପୈତୃକ ଘରେ ଓ ଫାର୍ମ ହାଉସରେ ଚଢ଼ାଉ ଚାଲିଛି । ଭିଜିଲାନ୍ସ ଟିମ ଏକକାଳୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛନ୍ତି ।ସୂଚନାନୁଯାୟୀ,

## ଓଡିଶା ଆସୁଛି ଡାକ୍ତର ଚିନାରାଙ୍କ ମୃତଦେହ, ଡାକ୍ତରଖାନାରେ ପ୍ରିୟଦର୍ଶିନୀ ଓ ସ୍ୱୀକୃତି, ଡାକ୍ତର ସ୍ୱାଧୀନ ଏବେ ବି ନିଖୋଜ

ଭୁବନେଶ୍ୱର, ୨।୮(ପି.ଏନ): କେରଳର ୱାୟନାଡରୁ ଓଡିଶା ଆସୁଛି ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତଦେହ। ସଡକ ପଥରେ ଆମ୍ବୁଲାନ୍ସ ଯୋଗେ ତାଙ୍କର ଜଣେ ସମ୍ପର୍କୀୟ ଦାଦା ମୃତଦେହ ଆଣୁଛନ୍ତି। ବିମାନରେ ପାର୍ଥିବ ଶରୀର ନେବା ସମ୍ଭବ ହୋଇପାରିଲାନି। ତେଣୁ ସଡକ ପଥରେ ତାଙ୍କ ମୃତଦେହକୁ ଅଣାଯାଉଛି। କେରଳ ଯାଇଥିବା ଓଡିଆ ଅଧିକାରୀ ଦିଲୀପ ରାଉତରାୟ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କ ମୃତଦେହକୁ ପୈତୃକ ଗାଁ ପୁରୀ ଜିଲ୍ଲା ଗୋପ ବ୍ଲକର ପରାଳକୁ ନିଆଯିବ। ସେଠାରେ ତାଙ୍କର ଅନ୍ତିମ ସଂସ୍କାର ହେବ। ମୃତ ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରାଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ପାଲ କେରଳର ମେପ୍ପାଡିର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ମୁହଁରେ ଆଘାତ ଲାଗି ଅନେକ କ୍ଷତ ସୃଷ୍ଟି ହୋଇଛି। ସ୍ୱାମୀଙ୍କ ଦେହାନ୍ତ ଖବର ଶୁଣି ସେ ଭାଙ୍ଗି ପଡିଛନ୍ତି। ତାଙ୍କୁ କାଲି ଡିସଚାର୍ଜ କରାଯାଇପାରେ। ସେହିପରି ଭୂସ୍ଖଳନରେ ଆହତ ହୋଇଥିବା ଅନ୍ୟ ଜଣେ ଡାକ୍ତର ସ୍ୱୀକୃତି ମହାପାତ୍ର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି ।ତାଙ୍କ ଫୁସଫୁସରେ ମାଟି ଜମା ହୋଇଯାଇଥିଲା। ବ୍ରୋଙ୍କସ୍କ ?ପି ଜରିଆରେ ସେସବୁ ପ୍ରାୟ କ ?ାସରିଛି। ସେ ସଂପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଅନ୍ୟପକ୍ଷରେ ସେମାନଙ୍କ ସହିତ ଯାଇଥିବା କଟକ ଏସ୍ ?ସିବିର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସ୍ୱାଧୀନ ପଣ୍ଡା ଏବେ ବି ନିଖୋଜ ଅଛନ୍ତି।



## ଭଲ ଅଧିକାରୀ ଭାବି ଦୁଇ ଦିନ ପୂର୍ବରୁ ପଦୋନ୍ନତି ଦେଇଥିଲେ ରାଜ୍ୟ ସରକାର, ଧରିପକାଇଲା ଭିଜିଲାନ୍ସ

ଭୁବନେଶ୍ୱର/ବାଲେଶ୍ୱର, ୨ : ପ୍ରତ୍ୟେକ ମନୁଷ୍ୟଙ୍କର ଲୋଭ ଥାଏ। ଏହା ପ୍ରକୃତିଗତ ନିୟମ। କିନ୍ତୁ ମାତ୍ରାଧିକ ଲୋଭ ଜୀବନ ପ୍ରତି ବିପଦ ଆଣିଥାଏ। ଏକଥା ଊଣା ଅଧିକେ ସମସ୍ତେ ଜାଣନ୍ତି। ତଥାପି ଲୋଭର ବଶବର୍ତ୍ତୀ ହୋଇ ଅନେକ ଲୋକ ଫସିଯାଆନ୍ତି। ବାଲେଶ୍ୱର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନ ହେଉଛନ୍ତି ଜଣେ ଏଭଳି ସ୍ୱଭାବର ବ୍ୟକ୍ତି, ଯିଏକି ତାଙ୍କର ଚାକିରି ଜୀବନରେ ୮୫ଟି ପ୍ଲଟ ଅକ୍ତିଆର କରିସାରିଛନ୍ତି। ଭିଜିଲାନ୍ସର ଚ ?ାଉ ପରେ ଏହା ଜଣାପଡିଛି ।ଭିଜିଲାନ୍ସ ବିଭାଗ ଜାଣିବାକୁ ପାଇଛି ଯେ, ଶ୍ରୀ ପ୍ରଧାନଙ୍କ ପାଖରେ ୮୫ଟି ପ୍ଲଟ ଅଛି। ସେଥିମଧ୍ୟରୁ କେବଳ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ୮୦ଟି ପ୍ଲଟ ରହିଛି। ପୁରୀ ଜିଲ୍ଲା ଡେଲାଙ୍ଗରେ ୪ଟି ଓ ପଶ୍ଚିମବଙ୍ଗରେ ଗୋଟିଏ ପ୍ଲଟ ରହିଛି। ଚ ?ାଉ ସମୟରେ ନଗଦ ୧୧ ଲକ୍ଷରୁ ଅଧିକ ଟଙ୍କା ଓ ୨୧୮ ଗ୍ରାମର ସୁନା ଗହଣା ଜବତ ହୋଇଛି। ଏହା ସହ ଏକ ସୁନା ବିସ୍କୁଟ ମଧ୍ୟ ଜବତ ହୋଇଛି। ତାଙ୍କ ଘର ଓ ସରକାରୀ କ୍ୱାର୍ଟର ସମେତ ୭ଟି ସ୍ଥାନରେ ଚଢାଉ କରୁଛନ୍ତି ଭିଜିଲାନ୍ସ ଅଧିକାରୀ। ଜଳେଶ୍ୱର ବଡ ବଜାରରେ ଥିବା ତାଙ୍କ ପୈତୃକ ଘର, ନୂଆ କରି ତିଆରି ହେଉଥିବା ୫ ମହଲା ଘରେ ଭିଜିଲାନ୍ସ ଟିମ୍ ଚଢାଉ କରୁଛନ୍ତି। ଏହା ସହ ସେହି ବଡବଜାରରେ ଥିବା କୋଠା, ମାର୍କେଟ୍ କମ୍ପ୍ଲେକ୍ସ, ଆଇଟିଆଇଟି ଛକରେ ଥିବା ସରକାରୀ ବାସଭବନ, ଅଫିସ୍ ଓ ଜଳେଶ୍ୱରରେ ଥିବା ଜଣେ ସହଯୋଗୀଙ୍କ ଘରେ ମଧ୍ୟ ଚଢାଉ କରାଯାଉଛି । ରେଡ୍ ବେଳେ ଭିଜିଲାନ୍ସ ଅଧିକାରୀଙ୍କୁ ଟଙ୍କା ଭର୍ତ୍ତି ବ୍ୟାଗ ମିଳିଛି। ଏହା ସହ କିଛି ବ୍ୟାଙ୍କ ଜମା ଓ କାଗଜପତ୍ର ମଧ୍ୟ ଜବତ କରାଯାଇଛି ।ଶ୍ରୀ ପ୍ରଧାନଙ୍କ ଘର ଜଳେଶ୍ୱର ହୋଇଥିବା ବେଳେ ସେ ଅଧୀକ୍ଷଣ ଯନ୍ତ୍ରୀ ଭାବେ ୨୦୨୧ ମସିହାରୁ କାର୍ଯ୍ୟରତ ଥିଲେ। ଦୁଇ ଦିନ ତଳେ ସରକାର ତାଙ୍କୁ ସହକାରୀ ମୁଖ୍ୟ ଯନ୍ତ୍ରୀ ଭାବେ ମଧ୍ୟ ପଦୋନ୍ନତି ଦେଇଛନ୍ତି। କେନ୍ଦୁଝରରେ ସେ ଯୋଗଦେବାକୁ ଥିବାବେଳେ ତାଙ୍କ ଉପରେ ଏହି ଚ ?ଉ ସାଧାରଣରେ ଆଲୋଚନାର ବିଷୟ ହୋଇଛି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେନ୍ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପଶିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସ୍ୱାଧୀନତା ସଂଗ୍ରାମର ପିତାମହ-ତିଳକ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞାପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପ୍ରଚାରକ ଓ ସ୍ୱାଧୀନତାର ପଥପ୍ରଦର୍ଶକ କେଶବ (ବାଲ) ଗଙ୍ଗାଧର ତିଳକ ପୁଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ତୁ) ଓ ପାର୍ବତୀ ବାଈଙ୍କ କୋଳମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରଥମେ କେଶବ ନାମ ଥିଲା। ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ। ପିତାମହ ରାମଚନ୍ଦ୍ରଙ୍କଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ବିଷୟରେ ଶୁଣିଥିଲେ। ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା। ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉପରେ ଶିକ୍ଷା ସମ୍ଭବ ହେଲାନାହିଁ। ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ। ଚିପଲୁଙ୍କର ନିବନ୍ଧମାଳାକୁ ତିଳକ ପୂର୍ଣ୍ଣସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା। ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳରେ ଘୋର ଦୁର୍ଭିକ୍ଷ ବାଲ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା। ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ। ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ। ତେଣୁ ଦୁଇ ବନ୍ଧୁ ଧାର୍ମିକ, ସାମାଜିକ ଓ ରାଜନୈତିକ ସଂଗଠନଗୁଡ଼ିକରେ ସକ୍ରିୟ ସଂପର୍କ ରକ୍ଷାକରିଥିଲେ। ଅଗରକର ଡେକାନ୍ କଲେଜରୁ ଏମ୍.ଏ. ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ। ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ। ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ। ବିଦ୍ୟାଳୟ ପରିଦର୍ଶନରେ ହଂଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା। ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ। ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରାଷ୍ଟ୍ରର ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା। ସମିତି ସଭ୍ୟମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଅଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ। ଉଭୟ ପତ୍ରିକା ମରାଠାମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୈତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା। ତିଳକ ଜାତୀୟ ଜନଜୀବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶରେ ମଧ୍ୟ ସହାୟକ ହୋଇଥିଲେ। ଅଗରକର ସମ୍ପାଦକ ପଦରୁ ଓହରିଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ। ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ। ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେକରିଥିଲେ। ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ। ଯଦି ସେ ପୁନଃବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ। ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ। ହିନ୍ଦୁଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ। ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପରିବର୍ତ୍ତନକୁ ତିଳକ ବିରୋଧ କରୁଥିଲେ। ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ। ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା। ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ।

୧୮୮୫ ଡିସେମ୍ବର ୨୮ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା। ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶଗ୍ରହଣ କରି ମରାଠାଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡ ରୁଲ' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସାଂପ୍ରଦାୟିକ ଦଙ୍ଗା ଘଟି ହିନ୍ଦୁ ଜନତାର ପ୍ରାଣହାନୀ ଘଟିଲା। ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜମାନଙ୍କର ଚକ୍ଷୁଶୂଳ ହେଲେ। ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ନାମକ ପୁସ୍ତକରେ ତିଳକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ। ତାହା ଥିଲା ଦୁର୍ଭାଗ୍ୟଜନକ। ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ।

୧୮୯୧ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ, ତାହା ତାଙ୍କୁ ସର୍ବଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା। ୧୮୯୪ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋ ମନୋନୀତ ହେଲେ। ତା' ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ। ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ। ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ ତିଳକ। ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସଘାତକ ବୋଲି ଚିତ୍ରିତ ହେଲେ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରାଷ୍ଟ୍ରରେ ଦେଖାଦେଲା। ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଦେବା ଆରମ୍ଭ କରିଦେଲେ। ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା। ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା। ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ। ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ। ତିଳକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ। ଏହି ସ୍ୱେଚ୍ଛାସେବୀମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ। ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣର ହାଉସ୍‌ରୁ ଏକ ରାତ୍ରିଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜ୍ଞାତ ଦୁର୍ବୃତ୍ତମାନେ ରେଣ୍ଡ ସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫ୍ଟନାଂଟ ଆୟରଷ୍ଟକୁ ହତ୍ୟା କରିଦେଲେ। ଏହି ଘଟଣାରେ ଚାମେଦାର ଚିପଲୁ ଫାଶୀଦଣ୍ଡ ପାଇଥିଲେ। ତିଳକ ନିର୍ଦ୍ଦୋଷ ଥିଲେ ମଧ୍ୟ ପିଙ୍ଗଳ କୋଡ୍‌ର ୧୨୪ (କ) ଧାରାରେ ଅଭିଯୁକ୍ତ ହେଲେ। ତାଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା। ଭାରତୀୟ ନେତାମାନେ ଆପତ୍ତି ଉଠାଇଲେ। ସାଂସଦ ଭଇଲିୟମ୍ ହଂଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ। ଏହାପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟନେତା ଭାବରେ ସ୍ୱୀକୃତିଲାଭ କଲେ। ପୁନା ଜେଲରେ ବୈଦିକ ଆର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶ କରିଥିଲେ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇହଜାର ପ୍ରତିନିଧି ଓ ୧୦ ହଜାର ଦର୍ଶକ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଥିଲା। ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠୀବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ ତାରିଖରେ କଲିକତାରେ କହିଥିଲେ, ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ। ତୁମେ ଯଦି ସ୍ୱାଧୀନ ହେବାକୁ ଚାହଁ, ସ୍ୱାଧୀନ ହୋଇପାରିବ, ନଚେତ ସବୁଦିନ ପାଇଁ ପରାଧୀନ ରହିବ। ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ। ତେବେ ଇଂରେଜ ସରକାର ବିରୁଦ୍ଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ! ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଦ୍ଧ ହୋଇ କରିପାରିବ ତ' କାଲି ତୁମେ ସ୍ୱାଧୀନ ହେବ। କଲିକତା ଅଧିବେଶନରେ ବଙ୍କିମଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା। ବର୍ମାରୁ ଲେଜେଣ୍ଡ ଭୋଗ କରି ତିଳକ ସୁରଟ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଙ୍ଖଳା ଆରମ୍ଭ ହୋଇଗଲା। ବିଶୃଙ୍ଖଳା ଚରମସୀମାରେ ପହଂଚିଲା। କଂଗ୍ରେସ ଇତିହାସରେ ସୁରଟ ବିଭାଜନ ବୋଲି ଅଭିହିତ କରାଯାଏ। ତିଳକ ଓ ଲଜପତ ରାୟଙ୍କ ଭଳି ଉଗ୍ର ଜାତୀୟବାଦୀ କଂଗ୍ରେସ ସ୍ରୋତରୁ ଭିନ୍ନ ରହିଗଲେ। ତିଳକ ମିଳାମିଶା ପାଇଁ ପଦକ୍ଷେପ ନେଇଥିଲେ। ତିଳକ ଜାତୀୟ କଂଗ୍ରେସ ବଦଳରେ ଆଂଚଳିକ କଂଗ୍ରେସ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ। ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର।

୧୯୦୮ରେ ପୁନାର ଏକ ଜନସଭାରେ ମଦ୍ୟପାନ ବିରୋଧରେ ସେ ସ୍ୱରଉତ୍ତୋଳନ କରିଥିଲେ। ଗୋଖଲେ ଓ ରାନାଡେଙ୍କର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରରେ ମଦବୋଦାନ ସମ୍ମୁଖରେ ଆନ୍ଦୋଳନ କଲେ। ଏହି ସମୟରେ ମୁଜଫରପୁରରେ ଜଜ୍ କିଙ୍ଗସଫୋର୍ଡଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁବରଣ କରିଥିଲେ। କେଶରୀ ପତ୍ରିକାରେ 'ଦେଶକା ଦୁର୍ଭାଗ୍ୟ' ଲେଖା ପାଇଁ ରାଷ୍ଟ୍ରଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ। ଦୁଇ ଅଭିଯୋଗ ପାଇଁ ତିନିବର୍ଷ ଜେଲଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ହଜାର ଟଙ୍କା ଅର୍ଥଦଣ୍ଡ। ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ଏବଂ ସଶ୍ରମ ଜେଲଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା। ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ। ଜନମତ ନିର୍ବିଶେଷରେ ସର୍ବତ୍ର ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା



କରିଥିଲେ। ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତବ୍ୟକ୍ତ କରିଥିଲେ। ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତି ପାଇଁ ଆବେଦନ କରିଥିଲେ। ଆବେଦନ ନାମଂଜୁର ହୋଇଗଲା। ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ X ୧୨ଫୁଟ କାଠରେ ତିଆରି ଘରେ ରହୁଥିଲେ। ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣି ରହୁଥିଲେ। କୁଲକର୍ଣ୍ଣି ଅସୁସ୍ଥ ହେଲେ, ତିଳକ ତାଙ୍କ ସେବା କରିଥିଲେ। ମାଣ୍ଡାଲେଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ। ତାଙ୍କର ଗବେଷଣାମୂଳକ କୃତି 'ଦି ଓରିୟନ' ଥିଲା। ମାଣ୍ଡାଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ। ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ। ପତ୍ନୀଙ୍କ ମୃତ୍ୟୁପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ। ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧିକ୍ଷଙ୍କଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ। ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକଓ୍ୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ। ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢସଂକଳ୍ପ ତାଙ୍କୁ ମୁକ୍ତି ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା। ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଚଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜୀବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରଙ୍କୁ ସମର୍ଥନ ଜଣାଇଲେ। ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀ ଖାପର୍ଦେଙ୍କ ଅଧ୍ୟକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନ କରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଂଟି ମାଗିଲେ। ଓକିଲ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ମାଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟୀ ହେଲେ। ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ। ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା। ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢ଼ିବାକୁ ସଂକଳ୍ପ ନେଲେ। ଏକତ୍ରିତ କରିବାରେ ମୁଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ। ତିଳକ ଜନ୍ମଦିନରେ ଏକଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ। ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୟରେ ସରକାର ମଂଟେଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା। ଶାସନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଭାରତ ବ୍ୟାପାର ମନ୍ତ୍ରୀ ମଂଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ। ଚେମ୍‌ସଫୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତାମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଂଟେଗୁ ଚେମ୍‌ସ-ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା। ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହା ଦେବ, ଆମେ ସ୍ୱୀକାର କରିବା ଏବଂ ଯାହା ନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା। ରାଜନୀତିରେ ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା। ସମ୍ବାଦପତ୍ରରେ ଭାରତର ମୁକୁଟବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ। 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପତିଜନକ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ। ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା। ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ। ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ। ଇଂଲଣ୍ଡରେ ଏକବର୍ଷ ରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରି ରଖିଲେ। ଆମେରିକା ରାଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ। ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ। ୧୯୧୯ ଫେବୃୟାରୀ ୨୫ରେ ତିଳକ 'କେକସ୍‌ଟନ୍ ହଲ୍'ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ। ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ'ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ। ପୋଲକ ସ୍ଥାନରେ ଏନ.ସି. କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ। ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧିଜୀ ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ। ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମାଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ, ନେହରୁ ଆଦି ନେତାମାନେ କାନ୍ଧରେ ବୋହି ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ। ତିଳକ ଥିଲେ ନବଭାରତର ନିର୍ମାତା। ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ।

# ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ



ଯୋଡା (ପିଏନ୍): ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ଫ୍ଲାଇଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭ୍‌ରୋକ୍ସ କମ୍ପାନୀ ଯୋଡାବାସୀଙ୍କର ଦୁଃଖକୁ ହୃଦୟଙ୍ଗମ କରୁନଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି। ଦୀର୍ଘ ଦୁଇବର୍ଷ ହେବ ଫ୍ଲାଇଓଭର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଲୋକମାନଙ୍କର ଯାତାୟତରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ଦୁଇ ପାର୍ଶ୍ୱରେ ପ୍ରଥମେ ସର୍ଭିସ୍ ରୋଡ ନିର୍ମାଣ କରିବାର ପ୍ରାବଧାନ ରହିଛି। ଏହି ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ କମ୍ପାନୀକୁ ସରକାରଙ୍କ ତରଫରୁ ଅଧିକ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଥାଏ। ଏହି ଅର୍ଥକୁ କାମରେ ନଲଗାଇ ଆତ୍ମସାତ୍ କରିବାକୁ କମ୍ପାନୀ ମସୁଧା କରିଥିବାବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ଆଜି ସକାଳୁ ଏକତ୍ରିତ ହୋଇ କୁମାର ଯୋଡା ନିକଟରେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। ଲୋକଙ୍କ ଅଭିଯୋଗ ମୁତାବକ ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅମାନୁଷିକ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ଚାଲିଆସୁଛି। ଯୋଡା ସହର ମଧ୍ୟ ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ କୋଟି କୋଟି ଟଙ୍କାର ଖଣିଜ ପରିବହନ ହୋଇଥାଏ। ଉଗ୍ର ଗାଡିଚାଳନା ଓ ନିଶ୍ଚିତ ବିପଦରୁ ରକ୍ଷାପାଇବା ପାଇଁ ବହୁ ଦିନରୁ ଏକ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା। ରାଜ୍ୟ ତଥା କେନ୍ଦ୍ର ସରକାର ଏହାକୁ ଗୁରୁତର ସହିତ ବିଚାରକୁ ନେଇ ରଣାଶାଳ ଘାଟି ଠାରୁ କୁମାର ଯୋଡା ପର୍ଯ୍ୟନ୍ତ ୨୦୨୧ ମସିହାରେ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଅନୁମତି ଦେଇଛନ୍ତି। ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ଓଡିଶା ବ୍ରିଜ କନ୍‌ଷ୍ଟ୍ରକ୍‌ସନ୍ (ଓବିସିସି) କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଓବିସିସି ଏହି ଫ୍ଲାଇଓଭର ନିର୍ମାଣ ପାଇଁ ଚେଭ୍‌ରୋକ୍ସ ନାମକ ଏକ ଠିକା ସଂସ୍ଥାକୁ ଦେଇଥିବା ଜଣାପଡିଛି। ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଲହଡି ମାରିବା ସହିତ ଆଣ୍ଠୁଏ କାଦୁଅ ଭରିଯାଉଛି। ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମଧ୍ୟ ଆଣ୍ଠୁଏ କାଦୁଅରେ ଭରିଯାଉଛି। ମୁଖ୍ୟ ରାସ୍ତାର ଦୁଇ କଡରେ ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଇତ୍ୟାଦି ଥିବାବେଳେ ଲୋକମାନେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥା'ନ୍ତି। କିନ୍ତୁ ବିଡମ୍ବନାର ବିଷୟ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇପାରୁନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଘୋର ନିନ୍ଦା କରିଛନ୍ତି। ଚେଭ୍‌ରୋକ୍ସ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏଭଳି ଅମାନୁଷିକ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଯୋଡା ମଧ୍ୟ ଦେଇ ଯାଇଥିବା ଡ୍ରେନ୍‌ଗୁଡିକ ଠିକଣା ସମୟରେ ସଫା କରାଯାଉନଥିବାରୁ ପ୍ରତ୍ୟେକ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ସେହିଭଳି ଯୋଡା ବ୍ଲକ ଅନ୍ତର୍ଗତ କାଳିମାଟୀ ଛକଠାରେ ମୁଖ୍ୟ ରାସ୍ତା ଉପରେ ଅନେକଗୁଡିଏ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର ଟ୍ରକ୍ ରେଳ ସାଇଡିଂ ଓ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରିଥା'ନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ଟ୍ରକ୍‌ଗୁଡିକ ଫସିରହିବା ସହିତ ଟ୍ରକ୍‌ଗୁଡିକର ଯନ୍ତ୍ରାଂଶ ଭାଙ୍ଗିଯାଉଥିବାରୁ ମାଲିକମାନେ ଅନେକ କ୍ଷତି ସହୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ରାସ୍ତାଗୁଡିକର ସୁଧାର ଆସୁନଥିବା ହେତୁ ବାଧ ହୋଇ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିବା ଜଣାପଡିଛି। ଆଗାମୀ ଦିନରେ ଯଦି ଏହାକୁ ବିଚାରକୁ ନ ନିଆଯାଏ ତେବେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବା ସହିତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାବନି ଦେଇଛନ୍ତି।

# ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୨ ନମ୍ବର ଓ୍ୱାର୍ଡ ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ବସବାସ କରୁଥିବା ଏହି ଉଭୟ କଲୋନୀରେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ବର୍ଷା ପରେ ଘର ଦ୍ୱାର ମୁହଁରେ ପାଣି ଜମି ରହି ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କଠାରୁ ଖବର ପାଇଁ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅନ୍ୟ ସହଯୋଗୀଙ୍କ ସହିତ ସମ୍ପୃକ୍ତ ବୁଲି ଦେଖିଥିଲେ। ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନେ ଶ୍ରୀ ସେନାପତିଙ୍କୁ କଲୋନୀର ବିଭିନ୍ନ ରାସ୍ତା ଓ ପାଣି ଜମୁଥିବା ସ୍ଥାନ ସବୁ ବୁଲାଇ ଦେଖାଇଥିଲେ। ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଅଦ୍ୟାବଧି ମହାନଗର ନିଗମ ତରଫରୁ କୌଣସି ବୃହତ ନାଳି ନିର୍ମାଣ ହୋଇନଥିବାରୁ ବର୍ଷାଜଳ ଜମି ରହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ମହାନଗର ନିଗମ କର୍ତ୍ତୃପକ୍ଷ ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର କର ଗଢି ତୋଳିବା ସହ ଶିଶୁ ଅନୁକୂଳ ସହର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ବୋଲି ପ୍ରଚାର ପ୍ରସାର କରୁଛନ୍ତି। ସେଥିପାଇଁ ବିଶ୍ୱର ପ୍ରମୁଖ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି ବୋଲି ନଗର ନିଗମ ତରଫରୁ କୁହାଯାଇ ଆସନ୍ତା ଅକ୍ଟୋବରରେ ଲଣ୍ଡନ ଠାରେ ହେବାକୁ ଥିବା ସହରାଞ୍ଚଳ ଲିଡରସିପ୍ କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟସିଟି ଅଂଶଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷରେ ଏହି ସ୍ମାର୍ଟସିଟିର ୨ ନମ୍ବର ଓ୍ୱାର୍ଡର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଯେଉଁ ଦୟନୀୟ ଅବସ୍ଥା ସୃଷ୍ଟି ହେଉଛି ଏବଂ ଶିଶୁମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ, ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବୋଲି ଶ୍ରୀ ସେନାପତି କହିଛନ୍ତି। ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ଖାଲି ପୁରସ୍କାର ସନ୍ଧାନରେ ନ ରହି ଯେଉଁ ନାଗରିକମାନେ ଆବଶ୍ୟକୀୟ ସେବା ପାଇଁ ଟିକସ ଦେଉଛନ୍ତି ସେମାନଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି। ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ତୁରନ୍ତ ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି। ଏହି ଅଞ୍ଚଳ ବୁଲିବା ବେଳେ ଶ୍ରୀ ସେନାପତିଙ୍କ ସହିତ ପିସିସି ସମ୍ପାଦକ ଧର୍ମେନ୍ଦ୍ର ପରମାର, ପୂର୍ବତନ ବ୍ଲକ୍ ସଭାପତି ମାତାପ୍ରସାଦ ଜୟସ୍ୱାଲ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ମୀନକେତନ ଯତୀ ତଥା ଉକ୍ତ ଅଞ୍ଚଳର ଶେକ ୟୁସୁଫ ଅଲ୍ଲୀ, ଶେକ ପରଭେଜ, ଇମତିଆଜ ଖାନ, ଏମ୍‌ଡି ସଲାଉଦ୍ଦିନ, ବିଜୟ ସାହୁ, ପ୍ରତାପ ସାହୁ, ଏସ୍.ଚୌଧୁରୀ ପ୍ରମୁଖ ସମଗ୍ର ଅଞ୍ଚଳର ବୁଲି ଦେଖିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ମାଟିର ଝିଅକୁ ମାଟିରେ ଶୁଭେଚ୍ଛା

ଭୁବନେଶ୍ୱର (ପିଏନ୍): ନୂଆ ରାଷ୍ଟ୍ରପତି ଭାବେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶପଥ ନେଇଛନ୍ତି। ଆମ ମାଟିର ଝିଅ ଦ୍ରୌପଦୀଙ୍କ ପାଇଁ ଓଡ଼ିଶା ଗର୍ବିତ ଓ ଗୌରବାନ୍ୱିତ। ପ୍ରଥମ ଆଦିବାସୀ ମହିଳା ତଥା ସର୍ବକନିଷ୍ଠା ରାଷ୍ଟ୍ରପତି ଭାବେ ରାଇସିନା ହିଲ୍ସରେ ତାଙ୍କର ପଦାର୍ପଣ ଇତିହାସ ସୃଷ୍ଟି କରିଛି। ଏ ନେଇ ଗାଁଠୁ ସହର ଉତ୍ସବମୁଖର। ରାଜ୍ୟର କୋଣ ଅନୁକୋଣରୁ ଅଜସ୍ର ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟି ଚାଲିଛି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟ ନଗରୀ ଭୁବନେଶ୍ୱର ଉପକଣ୍ଠରେ ଧଉଳି ଗ୍ରାମରେ ରହୁଥିବା ୨୫ ବର୍ଷୀୟ ଯୁବକ ଭାସ୍କର୍ଯ୍ୟ ଶିଳ୍ପୀ ଜୟଦ୍ରଥ ମଣ୍ଡଳ ଏକ ନିଆରା ଢଙ୍ଗରେ ଶ୍ରୀମତୀ ମୁର୍ମୁଙ୍କୁ ହୃଦୟରୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଛନ୍ତି। ଚିକିଟା ମାଟି ଓ ରଙ୍ଗରେ ନିଖୁଣ ରୂପେ ତିଆରିଛନ୍ତି ଦ୍ରୌପଦୀଙ୍କ ପ୍ରତିଛବି। ଏହାକୁ ତିଆରି କରିବା ପାଇଁ ୬ରୁ ୭ ଘଣ୍ଟା ସମୟ ଲାଗିଛି ବୋଲି ଜୟ କହିଛନ୍ତି। ସୂଚନାଯୋଗ୍ୟ, ଜୟ ଭୁବନେଶ୍ୱରସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଭାସ୍କର୍ଯ୍ୟ କଳାରେ ସ୍ନାତକ ଉତ୍ତୀର୍ଣ୍ଣ ହେବାପରେ ଏବେ ସେ ପିଜି ପଢିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଜୟଙ୍କ ଏହି ସୁନ୍ଦର ମନଛୁଆଁ କଳାକୃତିକୁ ଅନେକ କଳାପ୍ରେମୀ, ସ୍ଥାନୀୟ ଅଞ୍ଚଳବାସୀ ଏବଂ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି। ଜୟଙ୍କ ମୂଳଘର କେନ୍ଦ୍ରାପଡ଼ା ଜିଲ୍ଲା ଖରିନାସୀ ଗ୍ରାମରେ ବୋଲି ଜଣାପଡ଼ିଛି।

## ବିଭିନ୍ନ ଶୈବପୀଠରେ କାଉଡିଆଙ୍କ ଜଳାଭିଷେକ

ଢେଙ୍କିକୋଟ (ପିଏନ୍): ଦେବଦେବ ମହାଦେବଙ୍କ କୃପା ଲାଭ ଓ ମାନସିକ ପୂରଣ ନିମିତ୍ତ ଶ୍ରାବଣ ମାସରେ ମଙ୍ଗଳମୟ ସଦାଶିବଙ୍କ ଶିବଲିଙ୍ଗ ଉପରେ ଜଳାଭିଷେକ କରିବା ପାଇଁ ଅରୁଆ ଚାଉଳ, ଧୂପ, ଦୀପ, ଧଳା ଚନ୍ଦନ, ବେଲପତ୍ର ଓ ସୁଗନ୍ଧ ଦ୍ରବ୍ୟରେ ନଦୀଘାଟରୁ ପୂର୍ଣ୍ଣକୁମ୍ଭ ଉଠାଇ କାଉଡିଆମାନେ ପୂଜାର୍ଚ୍ଚନା କରିବା ସହ ବୋଲ୍‌ବୋମ୍ ଓ ଶିବାଷ୍ଟକ ପାଠ କରିଥାନ୍ତି। ଶ୍ରାବଣ ମାସର ତୃତୀୟ ସୋମବାର ଥିବାରୁ ଜଳାଭିଷେକ ପାଇଁ ଉଭୟ ଘଟଗାଁ ଓ ପାଟଣା ବ୍ଲକର ବିଭିନ୍ନ ଶୈବପୀଠରେ କାଉଡିଆମାନେ ଆନନ୍ଦ ଉଲ୍ଲାସ ଏବଂ ଭକ୍ତିଭାବରେ ଶିବଲିଙ୍ଗ ଉପରେ ଜଳାଭିଷେକ କରିଥିଲେ। ପୁରାଣପ୍ରସିଦ୍ଧ ଐତିହାସିକ ଶୈବପୀଠ ବରାହଟିପୁରାର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର, ଶ୍ରୀ ବାଣେଶ୍ୱର ମନ୍ଦିର, ଘଟଗାଁର ଶ୍ରୀ ଘଟେଶ୍ୱର ମନ୍ଦିର, ପାଟଣାର ପ୍ରସିଦ୍ଧ ବୈତରଣୀ ତୀର୍ଥ ଶ୍ରୀ ପରମେଶ୍ୱର ମନ୍ଦିର, ଶ୍ରୀ ଆନନ୍ଦେଶ୍ୱର ମନ୍ଦିରରେ ଶହ ଶହ ସଂଖ୍ୟାରେ କାଉଡିଆମାନେ ପ୍ରାତଃ ସମୟରୁ ଲମ୍ବା ଧାଡିରେ ସଦାଶିବଙ୍କ ଜଳାଭିଷେକ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୦୩

## ଶ୍ରୀ ଜିଉ ମାନଙ୍କ ସେବା ପୂଜାରେ ଅସହଯୋଗ କରିବାକୁ ସେବାୟତ ମାନେ ଦେଉଥିବା ଧମକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ



ପ୍ରଦୀପ୍ତ କୁମାର କର

୨୦୨୪ ରଥ ଯାତ୍ରା ସମୟରେ ମା ସୁଭଦ୍ରା ଙ୍କ ରଥ ଉପରେ ଅନେକ ଅନଧିକୃତ ବ୍ୟକ୍ତି ମାନଙ୍କ ଉପସ୍ଥିତି ପାଇଁ ମନ୍ଦିର ମୁଖ୍ୟ ପ୍ରଶାସକ କିଛି ସେବାୟତ ମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି କିନ୍ତୁ ଏହାକୁ ବିରୋଧ କରି ମନ୍ଦିର ର ବରିଷ୍ଠ ସେବାୟତ ତଥା ଦଇତାପତି ନିଯୋଗ ର ସମ୍ପାଦକ ଓ ଅନ୍ୟ କିଛି ବରିଷ୍ଠ ସେବାୟତ ଏହାର ଘୋର ପ୍ରତିବାଦ କରି ମନ୍ଦିର ପ୍ରଶାସନ କୁ ବିରୋଧ କରି ତୁରନ୍ତ ନୋଟିସ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ମହାପ୍ରଭୁ ଙ୍କ ନିତିକାନ୍ତି ରେ ଅସହଯୋଗ କରାଯିବ । ସେବାୟତ ମାନେ ସର୍ବଦା ଦାବି କରନ୍ତି ଯେ ସେମାନେ ପ୍ରଭୁଙ୍କ ବଂଶଧର ଓ ପ୍ରଭୁ ତାଙ୍କର ଏହା ବହୁତ୍ ଉତ୍ତମ ଚିନ୍ତାଧାରା ।କିନ୍ତୁ ଯଦି ପ୍ରଭୁ ତାଙ୍କର ତେବେ ଜଣେ ବରିଷ୍ଠ ସେବାୟତ ହୋଇ ଅନେକ ଦିନର ପ୍ରଭୁଙ୍କ ସେବାରେ ପ୍ରତ୍ୟକ୍ଷ ଅନୁଭୂତି ଥାଇ ସେହି ବରିଷ୍ଠ ସେବାୟତ ମାନେ ପ୍ରଶାସନିକ ସ୍ତରରେ ହୋଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କୁ କାହିଁକି ବିରୋଧ କରୁଛନ୍ତି ଓ ପ୍ରଭୁଙ୍କ ନୀତିକାନ୍ତି ରେ ଅସହଯୋଗ କରିବାକୁ ଧମକ ଦେବାଭଳିଆ କଥା ସାମ୍ବାଦିକ ସମ୍ମିଳନୀ ରେ ନିଜର ବକ୍ତବ୍ୟ ରଖୁଛନ୍ତି ।ଏହା ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ଘୋର ମାନସିକ କଷ୍ଟ ଦେଉଛି । ଚଳିତ ବର୍ଷ ପ୍ରତି ଥର ଭଳି ରଥ ଯାତ୍ରା ଆଗରୁ ଅନେକ ଥର ଯାତ୍ରା ପ୍ରସ୍ତୁତି ବୈଠକ ବସି ସେଥିରେ କିପରି ସୁବିଧାରେ ଓ ସୁରୁଖୁରୁ ରେ ପ୍ରଭୁଙ୍କ ଯାତ୍ରା ଅନୁଷ୍ଠିତ ହେବ ତାର ବାରମ୍ବାର ସମୀକ୍ଷା କରାଯାଇ ବିଭିନ୍ନ ଦିଗ ପ୍ରତି ଲକ୍ଷ୍ୟ ରଖାଯାଇ ସବୁ କିଛି ସ୍ଥିର କରାଯାଏ ।ସେଥିରେ ସବୁଠାରୁ ଗୋଟିଏ ଅତି ବଡ ନିଷ୍ପତି ନିଆଯାଇ ଥାଏ ଯେ ରଥରେ କେବଳ ଅନୁମତି ପ୍ରାପ୍ତ ସେବାୟତ ମାନେ ରହିବେ ପ୍ରଭୁଙ୍କୁ ରଥରେ ସ୍ଥାପନ କରିବା ପରେ ଓ ପ୍ରଭୁ ଙ୍କ ସାମନାରେ,ତାଙ୍କ ହାତ ଉପରେ ଭରା ଦେଇ ରହିବେ ନାହିଁ ,ତାଙ୍କ ଟାହିଆ କୁ କେହି ଟାନିବେ ନାହିଁ ,କିନ୍ତୁ ସବୁ ନିୟମ କୁ ଫୁ କରି ସେବାୟତ ମାନେ ନିଜ ଇଚ୍ଛା ଅନୁସାରେ ଅନେକ ଲୋକ ରଥକୁ ଚଢ଼ାନ୍ତି ,ନିଜର ସ୍ତ୍ରୀ ଛୋଟ ଛୋଟ ପିଲା ମାନଙ୍କୁ ମଧ ଚଢ଼ାନ୍ତି ,ଠାକୁର ଙ୍କ ଆଗରେ ଠିଆ ହୁଅନ୍ତି ଯାହା ଫଳରେ ଟିଭି ରେ ଦେଖୁଥିବା ଲୋକ ମାନେ ରଥରୁ ପ୍ରଭୁଙ୍କୁ ଦର୍ଶନ କରିପାରନ୍ତି ନାହିଁ। ସେହି ସେବାୟତ ମାନେ ମଧ ଅନେକ ଲୋକଙ୍କୁ ପଇସା ନେଇ ଅଣ ସେବାୟତ ମାନଙ୍କୁ ଉଠାନ୍ତି। ଏଥର ରଥ ଉପରେ ଥିବା ଜଣେ ଅଣ ସେବାୟତ ଙ୍କୁ ମନ୍ଦିର ମୁଖ୍ୟ ପ୍ରଶାସକ ଧରି ପୋଲିସ କୁ ଦେଇଥିଲେ ।ଏଠାରେ ପ୍ରଶ୍ନ ଉଠେ ଯେ ଯେ ଲୋକଟି କାହାର ସାହସ ରେ ରଥ ଉପରକୁ ଉଠିଥିଲା । ଯଦି ବରିଷ୍ଠ ସେବାୟତ ମାନେ ସବୁ ଜାଣିଶୁଣି ନିଜର ଭୁଲ ଲୁଚାଇବାକୁ ଯାଇ ମନ୍ଦିର ପ୍ରଶାସନ ସହିତ ଚ୍ୟାଲେଞ୍ଜ ଦେବାକୁ ଓହ୍ଲାଇ ଯାଉଛନ୍ତି ତେବେ ଏହା ଏକ ନିଶ୍ଚିତ ଭାବରେ ଅତ୍ୟନ୍ତ ଦୁଃଖ ଓ ପରିତାପ ର ବିଷୟ । ଏହା ନିଶ୍ଚିତ ଯେ ସେବାୟତ ବିନା ଠାକୁର ଙ୍କ ନୀତି କାନ୍ତି ଅସମ୍ଭବ ତେବେ ସେବାୟତ ମାନେ କିପରି ନିଜ ଠାକୁର ଙ୍କ ନୀତି କାନ୍ତି ରେ ଅବହେଳା କରି ପ୍ରଭୁ ଙ୍କୁ ଅଗାଧୁଆ,ଭୋକ ଉପାସରେ ରଖିବାକୁ କୁଣ୍ଠାବୋଧ କରିବେ ନାହିଁ। ଯେଉଁ ପ୍ରଭୁ ଙ୍କ ଆଶୀର୍ବାଦ ରେ ରାତି ପାହିଲେ ସେମାନଙ୍କ ଚୁଲି ଜଳୁଛି , ଯେଉଁ ପ୍ରଭୁ ଙ୍କ ପାଇଁ ଆଜି ସେମାନେ କୋଟି କୋଟି ଟଙ୍କାର ରୋଜଗାର କରିଛନ୍ତି ,ସେମାନଙ୍କ ପରିବାର ଚଳାଉଛନ୍ତି , ଯାହା ଯୋଗୁଁ ହିଁ ସେମାନଙ୍କ ନିଃଶ୍ୱାସ ପ୍ରଶ୍ୱାସ ଚାଲିଛି କିପରି ସେମାନେ ମନ୍ଦିର ପ୍ରଶାସନ ଙ୍କୁ ଚ୍ୟାଲେଞ୍ଜ କରି ପ୍ରଭୁ ଙ୍କ ନୀତି ରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ।ଅତୀତରେ ମଧ ଏପରି ଧମକ ଦେଇ ଧର୍ମ ର ଦ୍ୱାହି ଦେଇ ଆପଣମାନେ ନିଜର ଅନେକ ସ୍ୱାର୍ଥ ସାଧନ କରିଛନ୍ତି । ପ୍ରଭୁ ବଳଭଦ୍ର ଙ୍କ ରଥରେ ଘଟିଥିବା ଅଘଟଣ ପାଇଁ କେବଳ ସେଥିରେ ଥିବା ସେବାୟତ ମାନେ ହିଁ ଦାୟୀ ।ସବୁଠାରୁ ବଡ଼ କଥା ହେଲା ଯେ ଏ ରଥ ଯାତ୍ରା ଓ ଏହାର ସମସ୍ତ ନୀତି କାନ୍ତି କେବଳ ପ୍ରଭୁ ହିଁ ପରିଚାଳନା କରନ୍ତି ଅଦୃଶ୍ୟ ରେ ସେଥିରେ କୌଣସି ସେବାୟତ ,ମନ୍ଦିର ପ୍ରଶାସନ ,ପୋଲିସ ପ୍ରଶାସନ ବା ଆଉ କାହାର ବାହାଦୁରୀ ନେବାର ପ୍ରଶ୍ନ ନାହିଁ । ଯଦି ବରିଷ୍ଠ ସେବାୟତ ମାନେ ମନ୍ଦିର ପ୍ରଶାସନ ନେଉଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କୁ ବିରୋଧ କରି ସେମାନେ ନିଜର କିଛି ପଦକ୍ଷେପ ନିଅନ୍ତି ଓଡ଼ିଶା ତଥା ସାରା ଦେଶର ଜଗନ୍ନାଥ ପ୍ରେମୀ ଭକ୍ତ ମାନେ ସେମାନଙ୍କୁ କ୍ଷମା କରିବେ ନାହିଁ ସେମାନଙ୍କୁ କେବଳ ଘୃଣା ଦୃଷ୍ଟି ରେ ଦେଖିବେ । ରଥରେ ଅନଧିକୃତ ବ୍ୟକ୍ତି ମାନଙ୍କ ଉପସ୍ଥିତି କେବଳ ସେବାୟତ ମାନଙ୍କ ପାଇଁ ହିଁ ସମ୍ଭବ ସେଥିପାଇଁ ସେମାନେ ଅନ୍ୟ କାହାକୁ ଦୋଷୀ ସାବ୍ୟସ୍ତ କରିବା ଉଚ୍ଚିତ୍ ନୁହେଁ। ସେଥିପାଇଁ ଅନେକ ବର୍ଷ ଆଗରୁ ଏହି ସେବାୟତ ମାନଙ୍କ କର୍ମ ପାଇଁ ପୋଲିସ ସେମାନଙ୍କୁ ଲାଠି ଚାଳନା କରିଥିଲେ ।ସେମାନେ ନିଜକୁ ସ୍ୱୟଂ ଭଗବାନ ଙ୍କ ଠାରୁ କିଛି କମ୍ ନୁହେଁ ବୋଲି ସର୍ବଦା କହି ବୁଲୁଛନ୍ତି କିନ୍ତୁ ଅନେକ ସମୟରେ ନିଜର ଭୁଲ ଥିବା ସତ୍ତ୍ୱେ ପ୍ରଭୁଙ୍କ ପୂଜା ଓ ପ୍ରାସାଦ ରେ ଏତେ ଅବହେଳା କରନ୍ତି ଯେ ତାହା କେବଳ ଅନୁଭବି ହିଁ ଜାଣି ପାରିବେ ।କୋରାନ ସମୟରେ ଗୁଡ଼ାଏ ଆଜେବାଜେ କଥା କହି ମନ୍ତବ୍ୟ ଦେଲେ ଯେ ଯଦି ରଥ ଯାତ୍ରା ନହେବ ତେବେ ଆସନ୍ତା ୧୨ ବର୍ଷ ଯାଏଁ ଆଉ ଯାତ୍ରା ହୋଇପାରିବ ନାହିଁ।ଏହା ତ ଗୋଟିଏ ଉଦାହରଣ ସେହିପରି ମନ୍ଦିର ଗମ୍ଭୀର ଭିତରକୁ ବିଦ୍ୟୁତ୍ ସଂଯୋଗ,ରତ୍ନ ଭଣ୍ଡାର ଭିତରେ ସାପ ଗର୍ଜନ , ଓ ଏପରି ଅନେକ ଭ୍ରାନ୍ତ ଧାରଣା ଲୋକଙ୍କୁ ଦେଇ ନିଜର ସ୍ୱାର୍ଥ ସାଧନ କରିବାକୁ ଚେଷ୍ଟା କରନ୍ତି ଯାହାର କି କୌଣସି ଯଥାର୍ଥ ପ୍ରମାଣ ନାହିଁ ।କେବଳ ଧର୍ମ କୁ ଆଖିଠାର । ଭାଇ ସେବାୟତ ବନ୍ଧୁ ଗଣ ଏବେବି ସମୟ ଅଛି ସୁଧୁରି ଯା ପ୍ରଭୁଙ୍କ ସେବାରେ ଅବହେଳା କରିବା ନୀତି ଛାଡ଼ି ଲକ୍ଷ ଲକ୍ଷ ଭକ୍ତଙ୍କ ଙ୍କ ମାନସିକତା ଓ ଭାବାବେଗ କୁ ଚିନ୍ତା କରି କିଛି ପଦକ୍ଷେପ ଗ୍ରହଣ କର ନ ହେଲେ ଲକ୍ଷ ଲକ୍ଷ ଭକ୍ତଙ୍କ ଅଭିଶାପ ସହିତ ପ୍ରଭୁଙ୍କ ଅଭିଶାପ ମଧ ତୁମ ମାନଙ୍କୁ ଲାଗିଯିବ କେହି ରକ୍ଷା କରିପାରିବେ ନାହିଁ । ଆମ ଦେଶରେ ଅନେକ ପ୍ରସିଦ୍ଧ ମନ୍ଦିର ମାନଙ୍କରେ ଗମ୍ଭୀର ଭିତରକୁ ବିଦ୍ୟୁତ୍ ସଂଯୋଗ ରହିଛି ସେଠାରେ ତ କିଛି ଅସୁବିଧା ହେଉନାହିଁ । ମନ୍ଦିର ପରିଚାଳନା କମିଟି ଓ ସେବାୟତ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କିଛି ଗୋଟାଏ ସ୍ଥାୟୀ ସମାଧାନ ଓ ଓଡ଼ିଶା ସରକାର ଙ୍କ ନ୍ୟାୟ ବିଭାଗ ଯାହା ମନ୍ଦିର ରକ୍ଷଣା ବେକ୍ଷଣ କରୁଛନ୍ତି ନିହାତି ଭାବରେ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବା ଉଚ୍ଚିତ୍। ଶାସ୍ତ୍ର ରେ ଲେଖା ଅଛି ଯେ ଜଣେ ବ୍ୟକ୍ତି ଏକ ଲକ୍ଷ ଥର ଜନ୍ମ ଗ୍ରହଣ କରିବା ପରେ ସେ ଜଣେ ପୂଜାରୀ ବା ସେବାୟତ ହୋଇପାରେ ଏହି କଥାରୁ ଅନୁମେୟ କରାଯାଇ ପାରେ ଯେ ସେବାୟତ ର ଜନ୍ମ କେତେ ଦୁର୍ଲଭ ।

ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର
ଭୁବନେଶ୍ୱର
୯୪୩୭୦୮୪୩୧୨.

ବିଶିଷ୍ଟ ଆଧ୍ୟାତ୍ମିକ ସମାଜ ସେବକ ସ୍ୱର୍ଗତଃ ରବୀନ୍ଦ୍ର କିଶୋର ପତିଙ୍କ ସ୍ମୃତିତିଥି (ଶ୍ରାଦ୍ଧ ଦିବସ) ଅବସରରେ

## 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି'



ତପନ କୁମାର ପତି

ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରତି ପିଲାମାନଙ୍କ ପାଇଁ ତାଙ୍କ ପିତାମାତା ସତନ୍ତ୍ର ଥାଆନ୍ତି। ସେମାନଙ୍କର ଉତ୍ସର୍ଗୀକୃତ ଭଲ ପାଇବା, ତ୍ୟାଗ, ସରଳ ଜୀବନ ସବୁ କିଛି ହିଁ ଶ୍ରେଷ୍ଠ ଥାଏ କିନ୍ତୁ ମୋ ବାପା ଥିଲେ ଜଣେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ମଣିଷ। ମୋର ପରମ ପୂଜ୍ୟ ବାପା ଯାହାଙ୍କ ଠାରେ ଅକୁଣ୍ଠିତ ଭାବରେ ପ୍ରାପ୍ତ ହୋଇଛି ମୋତେ ଅକୃତ୍ରିମ ଭଲପାଇବା। ସିଏ ହେଉଛନ୍ତି ମୋ ଜୀବନର ଏପରି ଚରିତ୍ର ଯିଏକି ମୋ ଜୀବନ ପାତ୍ରକୁ ସବୁକିଛିରେ ପୂର୍ଣ୍ଣ କରିଦେଇଛନ୍ତି। ପିତୃ ସୁଲଭ ସୁରକ୍ଷା ଉପଦେଶ ତଥା ମାତୃ ବତ୍ସଳ ମମତା, ଦିଗଦର୍ଶନ, ତ୍ୟାଗ, ଶ୍ରଦ୍ଧା, ପରୋପକାରତା, ସହିଷ୍ଣୁତା ସବୁକିଛି ଏବେ ତାଙ୍କ ଅବର୍ତ୍ତମାନରେ ମନେ ପକାଉଛି। ମର୍ମାନ୍ତିକ ଯନ୍ତ୍ରଣା ଭିତରେ ମୋ ପ୍ରାଣପକ୍ଷୀ ଆର୍ତ୍ତନାଦ କରି ଖୋଜୁଛି ତାଙ୍କର ମଧୁଝରା ସାନ୍ନିଧ୍ୟ ଆଉ ତାଙ୍କ ଆତ୍ମୀୟତାପୂର୍ଣ୍ଣ ଶ୍ରଦ୍ଧେୟ 'ବାପି' ଡାକକୁ। ଏକ ଅଶୁଭ ୨୦୨୧ର ଏହି ଶ୍ରାବଣ ମାସ କୃଷ୍ଣ ଚତୁର୍ଦ୍ଦଶୀରେ ମୋ ବାପା ସର୍ବବୃହତ୍ତ ଯୌଥ ଓ ଖାନଦାନୀ ବୁନିଆଦିରେ ପରିପୂର୍ଣ୍ଣ 'ପତି' ପରିବାରର ଜୀବନ ଆକାଶକୁ ତମସାଚ୍ଛନ୍ନ କରି ତାଙ୍କ ସାଧାନୋଚିତ ଧାମକୁ ବାହୁଡ଼ିଗଲେ। ସେ ଥିଲେ ମହାନ କର୍ମଯୋଗୀ। ଶ୍ରୀମଦ ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି 'ସୁଖେ ଦୁଃଖେ ସମେ କୃତ୍ୱ ଲାଭାଲାଭୌ ଜୟଜୟଃ। ତତୋ ଯୁଦ୍ଧାୟ ଯୁଜ୍ୟସ୍ତ ନୈବଂ ପାପ ସବାପ୍ସି।।' ଅର୍ଥାତ୍ ହେ 'ପାର୍ଥ ସୁଖ ଦୁଃଖ ହାନି ଲାଭ ଜୟ ପରାଜୟକୁ ସମାନ ଜ୍ଞାନ କରି ତୁମେ ଯୁଦ୍ଧରେ ପ୍ରବୃତ୍ତ ହୁଅ, ଏପରି କଲେ ତୁମେ ପାପରେ ଭାଗୀ ହେବନାହିଁ। ଠିକ ଏହିପରି ଚରିତ୍ରର ଥିଲେ ମୋ ପରମ ପିତୃବ୍ୟ ଯିଏ କି କର୍ତ୍ତବ୍ୟ ପଥରୁ ନା ବିଚ୍ୟୁତ ହୋଇଛନ୍ତି ନା ଜୀବନ ଯୁଦ୍ଧରେ ପଛ ଘୁଞ୍ଚା ଦେଇଛନ୍ତି।

ସ୍ମରଣୀୟ ପବିତ୍ର ଅକ୍ଷୟ ତୃତିୟା ମୋର ପୂଜାସ୍ପଦ ସର୍ଗତଃ ଜେଜେବାପା ଓ ଜେଜେମାଆଙ୍କ କୋଳମଣ୍ଡନ କରି ସର୍ଗତଃ ପିତା ରବୀନ୍ଦ୍ର କିଶୋର ପତି ତମାମ ପରିବାରକୁ ଆନନ୍ଦ ଉଲ୍ଲାସରେ ପୂରଣ କରିଦେଇଥିଲେ। ମୋ ପିତା ତାଙ୍କ ପିତାଙ୍କ ଠାରୁ ପ୍ରାପ୍ତ ହୋଇଥିବା କର୍ତ୍ତବ୍ୟନିଷ୍ଠା ଓ ଜୀବନର ବ୍ରତକୁ କେବେ ବି ତିଳେ ମାତ୍ର ତଳେ ପକାଇ ଦେଇନାହାଁନ୍ତି। ଜଣେ ମେଧାବୀ ଛାତ୍ର ଭାବରେ କଠୋର ଅଧ୍ୟବସାୟ ବଳରେ ସେ କେନ୍ଦ୍ର ସରକାରଙ୍କ ଆୟକର ବିଭାଗରେ ସେ ନିଜ କର୍ତ୍ତବ୍ୟନିଷ୍ଠା ପ୍ରମାଣିତ କରିଥିଲେ। ଘରର ବଡ଼ପୁଅ ହିସାବରେ ଗୁରୁଜନଙ୍କ ଠାରୁ ସାନଜନ ସମସ୍ତଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ସମ୍ପାଦନରେ ସେ ସାମାନ୍ୟ ତ୍ରୁଟି କରିନାହାଁନ୍ତି। ଓଡ଼ିଆ ରୀତିନୀତି, ହିନ୍ଦୁ ଆଚାର ବିଚାର ସର୍ବୋପରି କୌଳିକ ପ୍ରଥା ପରମ୍ପରା ସବୁକିଛିକୁ ସିଏ ପରିପାଳନ କରିଛନ୍ତି। ଶିକ୍ଷକ ହିସାବରେ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ଆୟକର ବିଭାଗର କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବରେ ଆଗାମୀ ପିଢ଼ି ପାଇଁ ସେ ରଖି ଯାଇଛନ୍ତି ସୁକର୍ତ୍ତବ୍ୟନିଷ୍ଠାର ଏପରି ଆଇନା ଯାହା ଆଗନ୍ତ ପିଢ଼ି ପାଇଁ ସାଧୁତା, କର୍ତ୍ତବ୍ୟନିଷ୍ଠତା ଓ ସରଳତାର ଯୁଗ ଯୁଗ ପାଇଁ ଆଲୋକ ଦେଖାଇବ। ଜୀବନ ଯୌବନରେ ତାଙ୍କ ଅଭିନୟ ନୈପୁଣ୍ୟ ଲେଖୁଥିବା ବହୁ କବିତା ତାଙ୍କ ସାରସ୍ୱତ ସାଧନାର ସମୁଜ୍ଜଳ ସାକ୍ଷର ବହନ କରେ। ଜଣେ ସ୍ୱାଭିମାନୀ ମଣିଷ, ଦରଦୀ ହୃଦୟର ବନ୍ଧୁ, ନିରହଙ୍କାର ନମ୍ର ସ୍ୱାଭିମାନ ସର୍ବୋପରି ସରଳ ଜୀବନଚର୍ଯ୍ୟା ହେଉଛି ତାଙ୍କ ଅମାପ ବ୍ୟକ୍ତିତ୍ୱର ଗୋଟିଏ ଛୋଟିଆ ପରିପ୍ରକାଶ। ଅନେକ କର୍ତ୍ତବ୍ୟନିଷ୍ଠାର ବୋଝ ଭିତରେ ନିଜର ବ୍ୟକ୍ତି ସ୍ୱାର୍ଥ ବା ପରିବାରର ସ୍ୱାର୍ଥକୁ ସେ ତିଳେମାତ୍ର ଦେଖିନାହାଁନ୍ତି। ଅନୁଜ ଭାଇ ଜିତେନ୍ଦ୍ର, ଶୈଳେନ୍ଦ୍ର ଓ ଭଉଣୀ ମାନଙ୍କର ପାଠପଢ଼ା ଠାରୁ ଘର ସଂସାରର ସମସ୍ତ ଜୀବନକୁ ସେ ସୁମ୍ପାଦନା କରି ନିଜେ କେବେ ମହାମହିମ ହେବା ପାଇଁ ଚେଷ୍ଟା କରିନାହାଁନ୍ତି। ମୋ ବୋଉ ଅନ୍ନପୂର୍ଣ୍ଣା ସହ ତାଙ୍କର ପାଣିଗ୍ରହଣ ପରେ ଆମେ ତିନି ଭାଇ ଭଉଣୀ ଥିଲୁ ଆଶୀର୍ବାଦର ଫଳ। ମୋ ଦି ଭଉଣୀ ରୀତା ଓ ମୀତା ନିଜ ସାଂସାରିକ ଜୀବନରେ ବେଶ ପ୍ରତିଷ୍ଠିତ ଓ ଖୁବ ଆନନ୍ଦରେ ଅଛନ୍ତି। ବାପାଙ୍କ କର୍ମମୟ ଜୀବନ ଭିତରେ ଓଡ଼ିଶାର ବିଭିନ୍ନ ଜିଲ୍ଲା କଟକ ଠାରୁ ସମ୍ବଲପୁର, ସୁନ୍ଦରଗଡ଼ରୁ କେନ୍ଦୁଝର, ଭୁବନେଶ୍ୱରରୁ ଖୋର୍ଦ୍ଧା ଯେଉଁଠି ସେ ରହିଥିଲେ ସବୁଠି ନିଜ ବ୍ୟକ୍ତିନିଷ୍ଠା, ପରୋପକାରତା, ବନ୍ଧୁବତ୍ସଳତା ଓ ଅତିଥି ପରାୟଣତାର ନିର୍ଜୀବ ଜୀବନ ସ୍ୱନ୍ଦର ସାକ୍ଷର ଛାଡ଼ି ଯାଇଛନ୍ତି। ଜଣେ ପଦସ୍ଥ ଅଫିସର ଭାବରେ କଟକରେ ଅବସ୍ଥାପିତ ହୋଇ କର୍ମକ୍ଷେତ୍ରରୁ ଅବସର ନେଲା ପରେ ନିଜ ଗାଁ ମାଟି ମୂଳକକୁ ଭୁଲି ନପାରି ଛୁଟି ଯାଇଥିଲେ ସେହି ପିଲା ଦିନର ସ୍ମୃତି କ୍ଷେତ୍ରକୁ। ଗ୍ରାମରେ ଥିବା ପୁରୁଣା ଠାକୁର ଘରକୁ ଭାଙ୍ଗି ସେଠାରେ ସେ ସୃଷ୍ଟି କରିଥିଲେ ଏକ ସୁନ୍ଦର ଜଗନ୍ନାଥ ମନ୍ଦିର। ଜଣେ ଜଗନ୍ନାଥପ୍ରେମୀ ଭାବରେ କୋଟି କୈବଲ୍ୟନାଥ ଜଗନ୍ନାଥ ମହାପ୍ରଭୁଙ୍କ ସେବାରେ ନିଜକୁ ହଜାଇ ଦେଇ ଗ୍ରାମରେ ଆଧ୍ୟାତ୍ମିକମୟ ପରିବେଶ ସୃଷ୍ଟି କରିଥିଲେ। ଆଜିର ବ୍ୟସ୍ତ ବହୁଳ କର୍ମଚାପର ଜୀବନ ଭିତରେ ଅନେକ ସମୟରେ ଖୋଜିଥାଏ ବାପାଙ୍କୁ କିନ୍ତୁ ସେ ଯେଉଁ ଅଫେରା ପଥରେ ରହିଛନ୍ତି ସେଠାରୁ ତାଙ୍କ ମମତାର ଆଶୀର୍ବାଦ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛି।

ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।' ଏହି ଦିବ୍ୟ ବାଣୀର ମହାବ୍ରତକୁ ଜୀବନରେ ପାଳନ କରୁଥିଲେ ମୋ ପରମ ପୂଜ୍ୟ ପିତୃଦେବ। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ସମାଜ ସେବା ଓ କର୍ମ ଚେତନାକୁ ବ୍ରତ କରିବା ସହ ଜଗନ୍ନାଥଙ୍କ ଚେତନା ଓ ବାଣୀକୁ ସେ ପ୍ରଚାର ପ୍ରସାର କରୁଥିଲେ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ମୋ ବାପାଙ୍କ ପରି ଆଧ୍ୟାତ୍ମିକ, କର୍ତ୍ତବ୍ୟନିଷ୍ଠାର ମୂଲ୍ୟବୋଧ, ଜୀବନ ଶିକ୍ଷା ଏସବୁକୁ ଏକ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

*କୁଣ୍ଡି, କୁମୁଡା ଜୟପୁର, କଟକ, ଦୂରଭାଷ : ୯୧୧୪୧୪୧୩୦୦*

## ସ୍ତନ୍ୟପାନ, ଶିଶୁ ପାଇଁ ବରଦାନ

### 'ପ୍ରତିବନ୍ଧକକୁ ଦୂର କରିବା : ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହନ ଦେବା'

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଆଜକୁ ୩ ହଜାର ବର୍ଷ ପୂର୍ବେ ମହର୍ଷି ଚରକ କହିଥିଲେ - 'ଜୀବନଂ ବୃହଣଂ ସାତ୍ମଂ ସ୍ନେହନଂ, ମାନୁଷଂପୟଃ। ନାବନଂ ରକ୍ତପିତ୍ତସ୍ୟ ତର୍ପଣଂ, ଚାକ୍ଷିରୋଗିଣାମ୍।' ଅର୍ଥାତ୍ ଏହା ପ୍ରାଣ ରକ୍ଷାକାରୀ, ସମସ୍ତ ଧାତୁର ପୋଷକ, ପ୍ରତିକ୍ରିୟା ବିହୀନ ଓ ସୌମ୍ୟ ଗୁଣବର୍ଦ୍ଧକ। ଶିଶୁ ପାଇଁ ସ୍ତନ୍ୟପାନର ଉପାଦେୟତା ବିଷୟରେ ସଚେତନ କରାଇବା ଲାଗି ୧୯୯୧ ଫେବୃଆରୀ ୧୪ରେ ୱାର୍ଲ୍ଡ ଆଲିଆନ୍ସ ଫର ବ୍ରେଷ୍ଟ ଫିଡିଂ ଆକ୍ସନ ପ୍ରତିଷ୍ଠା କରାଯାଇଥିଲା। ୧୯୯୨ରୁ ଅଗଷ୍ଟ ପ୍ରଥମ ସପ୍ତାହକୁ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଇଥିଲା। ଜାତିସଂଘର ୟୁନିସେଫ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହାକୁ ଅଗ୍ରାଧିକାର ଦିଆଯାଇଥିଲା। ସେବେଠୁ ପ୍ରତିବର୍ଷ ଏହି ସପ୍ତାହ ପାଳନ କରାଯାଉଛି ଏବଂ ସ୍ଲୋଗାନ ଘୋଷଣା କରାଯାଉଛି। ଚଳିତ ବର୍ଷ ଏହାର ସ୍ଲୋଗାନ ହେଉଛି - 'ପ୍ରତିବନ୍ଧକକୁ ଦୂର କରିବା : ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହନ ଦେବା'("Closing the gap: Breastfeeding support for all.")।

ଓଡ଼ିଶାରେ ଜନ୍ମ ନେଉଥିବା ଶିଶୁମାନେ ସେମାନଙ୍କ ପ୍ରାଥମିକ ପ୍ରଥମ ଘଣ୍ଟା ଭିତରେ ୬୮.୫% ଶିଶୁ ସ୍ତନ୍ୟପାନ କରନ୍ତି ଯାହା ଜାତୀୟ ହାର ୪୧.୮% ଠାରୁ ମଧ ଅଧିକ। ସେହିଭଳି ପ୍ରଥମ ଛଅ ମାସରେ ନବଜାତ ଶିଶୁକୁ ସ୍ୱତନ୍ତ୍ର ସ୍ତନ୍ୟପାନ କରାଇବାରେ ମଧ ଓଡ଼ିଶା ଜାତୀୟ ହାର ଠାରୁ ଅନେକ ଆଗରେ। ସୂଚନାଥାଉକି ଜାତୀୟ ହାର ୬୩.୭% ରହିଥିବାବେଳେ ଓଡ଼ିଶାରେ ଏହି ହାର ୭୨.୯%। ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ ପକ୍ଷରୁ ନ୍ୟାସନାଲ ଫ୍ୟାମିଲ ହେଲଥ ସର୍ଭେ-୫ ରିପୋର୍ଟରେ ଏହି ତଥ୍ୟ ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ପ୍ରତିବର୍ଷ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି ସ୍ୱତନ୍ତ୍ର ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ସଚେତନ ବୃଦ୍ଧି କରିବା ସହ ଯେକୌଣସି ସ୍ଥାନରେ ଓ ଯେକୌଣସି ସମୟରେ ସ୍ତନ୍ୟପାନ କରାଇବା ପାଇଁ ମାଆଙ୍କ ପ୍ରୋତ୍ସାହନ, ସୁରକ୍ଷା ଓ ସମର୍ଥନ ଦିଆଯାଉଛି।

ଅନେକ ହୁଏତ ଜାଣିନଥିବେ ମା'କ୍ଷୀର ଠାରୁ ଶକ୍ତିଶାଳୀ ଅମୋଘ ରୋଗ ପ୍ରତିରୋଧକ ଶକ୍ତି ଆଉ କିଛି ନାହିଁ। ମା'କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ଏଣୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସପ୍ତାହେ ବ୍ୟାପୀ ମହିଳାଙ୍କୁ ସ୍ତନ୍ୟପାନ କରାଇବା ଲାଗି ସଚେତନ କରାଯାଏ। ପିଲାଟିଏ ଜନ୍ମ ହେବାର ଏକ ଘଣ୍ଟା ମଧ୍ୟରେ ତାକୁ ମା'କ୍ଷୀର ଦେବା ଉଚିତ। ଏହା ଶିଶୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ୬ମାସରୁ ୨ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ନିମନ୍ତେ ଡାକ୍ତର ମତ ଦିଅନ୍ତି। ୧୯୯୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ପ୍ରଥମ ଥର ପାଇଁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୭୯ଟି ଦେଶରେ ଏହି ଦିବସ ପାଳନ କରାଯାଉଛି।

ବିଶ୍ୱର ଏକ ତୃତୀୟାଂଶ ଶିଶୁ ଅପପୁଷ୍ଟି ଯୋଗୁଁ ପାଞ୍ଚ ବର୍ଷ ହେବା ପୂର୍ବରୁ ଆଖି ବୁଜିଥାନ୍ତି। ସନ୍ତାନ ପ୍ରସବ ହେବାର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ବା କୋଲୋଷ୍ଟ୍ରମ ପାନ ଏବଂ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ଜରୁରୀ। କିନ୍ତୁ ଏ ସମ୍ପର୍କରେ ଅନେକ ଅବଗତ ନୁହଁନ୍ତି। ଏଥିଯୋଗୁଁ ଦୁଇ ତୃତୀୟାଂଶ ଶିଶୁଙ୍କ ମୃତ୍ୟୁ ଘଟୁଛି। ହେଲେ ସ୍ତନ୍ୟପାନ କ୍ଷେତ୍ରରେ ଏବେ ଓଡ଼ିଶାରେ ଚିତ୍ର ଧୀରେ ଧୀରେ ବଦଳୁଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନେ ସ୍ତନ୍ୟପାନ ପ୍ରତି ଅଧିକ ସଚେତନ ହୋଇଛନ୍ତି। ପ୍ରସବ ପରର ପ୍ରଥମ ଦୁଗ୍ଧପାନ କରାଇବା ଏବଂ ନବଜାତକର ଯତ୍ନ ନେବାର ଅନ୍ୟାନ୍ୟ ଦିଗ ପ୍ରତି ଗର୍ଭବତୀ ମହିଳା ଏବଂ ନୂତନ ଭାବେ ମା' ହୋଇଥିବା ମହିଳା ମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିପାଇଛି। ଚାଇଲ୍ଡ ରାଇଟସ୍ ଆଣ୍ଡ ୟୁ ଓ ଭଏସ୍ ଫର ଚାଇଲ୍ଡ ରାଇଟସ୍ ଇନ ଓଡ଼ିଶା ପକ୍ଷରୁ ମାତୃସ୍ୱାସ୍ଥ୍ୟକୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ କୋଲୋଷ୍ଟ୍ରମ ପାନ କରାଇବା ଦିଗରେ ଆଭ୍ୟନ୍ତରୀଣ ଓଡ଼ିଶା ତଥା ଆଦିବାସୀ ମହିଳାମାନେ ବିଶେଷ ସଚେତନ ହୋଇଛନ୍ତି। ବଲାଙ୍ଗୀର, କୋରାପୁଟ, ବରଗଡ଼, କଳାହାଣ୍ଡି ଓ କନ୍ଧମାଳର ୧୬୪ ଗ୍ରାମର କେତେଜଣ ମହିଳାଙ୍କୁ ନେଇ ମୋବାଇଲ ଇଣ୍ଟରାକ୍ଟିଭ ଭଏସ ରେକର୍ଡ଼ ଜରିଆରେ କରାଯାଇଥିବା ଏହି ସର୍ଭେରୁ ଜଣାଯାଇଛି ଯେ ୯୧% ମହିଳା ନବଜାତକକୁ କୋଲୋଷ୍ଟ୍ରମ ପାନ କରାଇଥାନ୍ତି। ସେହିଭଳି ୭% ନିଜ ସନ୍ତାନକୁ କୋଲୋଷ୍ଟ୍ରମ ପାନ କରାଇ ନଥିବା ବେଳେ ୨% ଏହି ପ୍ରକ୍ରିୟା ବିଷୟରେ କିଛି ଜାଣି ନଥିବା କହିଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ସମୟରେ ଅଧିକାଂଶ ମହିଳା ଘର ଅପେକ୍ଷା ଡାକ୍ତରଖାନା ବା ନିକଟସ୍ଥ ହସ୍ପିଟାଲରେ ସନ୍ତାନ ପ୍ରସବ କରିବାକୁ ଉଚିତ ମଣୁଛନ୍ତି। ଅନୁନ୍ନତ ତଥା ଅବିକଶିତ ଅଞ୍ଚଳରେ ମଧ ଏଭଳି ସକାରାତ୍ମକ ଚିତ୍ର ଦେଖିବାକୁ ମିଳୁଥିବା ବେଳେ ୯୪% ମହିଳା ଡାକ୍ତରଖାନାରେ ପ୍ରସବ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୯% ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ, ୨୮% ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ୭% ଘରୋଇ ହସ୍ପିଟାଲରେ ପ୍ରସବ କରାଉଥିବା ଏହି ସର୍ଭେରୁ ଜଣାପଡ଼ିଛି। ତେବେ ପାଖାପାଖି୬% ମହିଳା ଘରେ ସନ୍ତାନ ପ୍ରସବ କରାଉଥିବା କହିଛନ୍ତି। ତେବେ ହସ୍ପିଟାଲରେ ନବଜାତକଙ୍କୁ କୋଲୋଷ୍ଟ୍ରମ ପାନ କରାଇବା ବାଧ୍ୟତାମୂଳକ ହୋଇଥିବା ବେଳେ ଘରେ ସନ୍ତାନ ପ୍ରସବ କରିବା ବେଳେ ଲୋକମାନେ ଭ୍ରାନ୍ତଧାରଣାର ଶିକାର ହୋଇ ଏଥିରୁ ଦୂରେଇ ରୁହନ୍ତି।

ଅନ୍ୟ ପକ୍ଷରେ ୨୦୧୮-୧୯ରେ ନ୍ୟାସନାଲ ଫ୍ୟାମିଲି ହେଲ୍ଥ ସର୍ଭେ ତଥ୍ୟରୁ ଜଣାପଡ଼ିଥିଲା ଯେ, ଗ୍ରାମୀଣ ଓଡ଼ିଶାରେ ୬୮.୭ ପ୍ରତିଶତ ୩ବର୍ଷରୁ କମ୍ ବୟସର ଶିଶୁଙ୍କୁ ପ୍ରସବର କିଛି ଘଣ୍ଟା ଭିତରେ ସ୍ତନ୍ୟପାନ କରାଯାଏ। ତେବେ ଏହି ଆଇଭିଆର ସର୍ଭେକୁ ଦେଖିଲେ କୋଲୋଷ୍ଟ୍ରମ ପାନ କରାଇବାର ମାତ୍ରାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା ଦେଖାଯାଏ। ସ୍ୱାସ୍ଥ୍ୟ କର୍ମୀମାନଙ୍କ କାଉନ୍ସେଲିଂ, ମା'ଗୃହରେ ଏଏନଏମ୍‌ଙ୍କ ପରାମର୍ଶ ଆଦି ଏଭଳି ସକାରାତ୍ମକ ପରିବର୍ତ୍ତନ ଆଣିଥିବା କୁହାଯାଇଛି। ଅଗଷ୍ଟ ୧ରୁ ୭ ତାରିଖକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶା ପାଇଁ ଏହା ଏକ ଭଲ ଖବର ବୋଲି ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁର ପ୍ରୋଗ୍ରାମ ହେଡ୍ ପକ୍ଷରୁ ସୂଚନା ଦିଆଯାଇଛି। କୋଲୋଷ୍ଟ୍ରମରେ କେବଳ ପ୍ରୋଟିନ, ଭିଟାମିନ 'ଏ' କିମ୍ବା ସୋଡିୟମ କ୍ଲୋରାଇଡ ନଥାଏ, ବରଂ ଏଥିରେ କାର୍ବୋହାଇଡ୍ରେଟ, ପୋଟାସିୟମ ଓ କ୍ଲୋରାଇଡର ମାତ୍ରା ମଧ କମ୍ ଥାଏ। ମା'କ୍ଷୀରକୁ ମୃତ୍ୟୁ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏ ନେଇ ସଚେତନତା ବଢ଼ିବା ସହ ସରକାରଙ୍କ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସହାୟତା ନେବା ସବୁଠାରୁ ବାଞ୍ଛନୀୟ।

ମା'କ୍ଷୀର ଶିଶୁ ପାଇଁ ପୋଷଣର ପ୍ରଥମ ଉତ୍ସ। ମା'କ୍ଷୀରରେ ସୁରକ୍ଷାମୂଳକ ରୋଗ ପ୍ରତିରୋଧକ ଶକ୍ତି ଥିବାରୁ ଏହା ନବଜାତକୁ ଅନେକ ରୋଗରୁ ରକ୍ଷା କରିବାରେ ବଡ଼ ସହାୟକ ହୋଇଥାଏ। ସ୍ତନ୍ୟପାନ ଉଭୟ ମାଆ ଓ ଶିଶୁଙ୍କ ପାଇଁ କେବଳ ଲାଭଦାୟକ ନୁହେଁ ଏହା ସେମାନଙ୍କ ଆଜୀବନ ସ୍ୱାସ୍ଥ୍ୟ ବିକାଶକୁ ପ୍ରୋତ୍ସାହିତ କରିଥାଏ। ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ନବଜାତକଙ୍କୁ ସ୍ତନ୍ୟପାନ ଓ ଜନ୍ମର ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଯିବା ଉଚିତ। ଏହି ସମୟ ଭିତରେ ଅନ୍ୟ କୌଣସି ଖାଦ୍ୟ କିମ୍ବା ତରଳ ପଦାର୍ଥ ଦେବାକଥା ନୁହେଁ। ସରକାର ୧୨ଟି ବେବି ଫ୍ରେଣ୍ଡଲି ଇନିସିଏଟିଭ (ବିଏଫଏଚଆର) ପ୍ରମାଣିତ ଡାକ୍ତରଖାନା, ଦୁଇଟି ଡାକ୍ତରଖାନାରେ ସମ୍ପୂର୍ଣ୍ଣ ସ୍ତନ୍ୟପାନ ବ୍ୟବସ୍ଥାପନ କେନ୍ଦ୍ର, ୧୮ଟି ସ୍ଥାନରେ ସ୍ତନ୍ୟପାନ ପରିଚାଳନା ୟୁନିଟ ଓ କଙ୍ଗାରୁ ମଦର୍ସ କେୟାର ମାଧ୍ୟମରେ ମାଆ ଶିଶୁଙ୍କ ଶାରୀରିକ ସ୍ପର୍ଶକୁ ପ୍ରୋତ୍ସାହନ କରି ସ୍ତନ୍ୟପାନକୁ ସମର୍ଥନ ଦେଉଛନ୍ତି। ଏଥିସହ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୩୧ଟି ଶିଶୁ ଓ କିଶୋର ପୋଷଣ ପରାମର୍ଶ କେନ୍ଦ୍ର ସ୍ଥାପନ ହୋଇଛି। ମାଆ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଆଇଓ୍ୱାଇସିଏଫ ଅଞ୍ଚଳରେ ମେଡ଼ିକାଲ ଅଫିସର, ଷ୍ଟାଫନର୍ସ, ଏଏନଏମ୍, ଆଶା ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ତାଲିମ ଦିଆଯାଇଛି।

ମା'କ୍ଷୀରରେ ଶିଶୁର ଶାରୀରିକ ବିକାଶ ଲାଗି ଆବଶ୍ୟକ କାର୍ବୋହାଇଡ୍ରେଟ, କ୍ୟାଲସିୟମ, ପ୍ରୋଟିନ୍, ମିନେରାଲ୍ସ, ଭିଟାମିନ୍ସ ଭଳି ସମସ୍ତ ଆବଶ୍ୟକ ପୋଷକ ତତ୍ତ୍ୱ ଭରିରହିଛି। ତେଣୁ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା' ଶରୀରରୁ ହ୍ରାସ ପାଉଛି, ଯାହାକୁ ଭରଣା କରିବା ଆବଶ୍ୟକ। ନଚେତ ମା'କୁ ଏସବୁ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଦୈନିକ ଭାଜ ୬୦ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ ଗ୍ରାମ, ତେଲ, ଘିଅ ୧୦ ଗ୍ରାମ ଏବଂ ଚିନି, ଗୁଡ଼ ୧୦ ଗ୍ରାମ ଅଧିକ ଖାଇବା ଆବଶ୍ୟକ। ଏହା ବ୍ୟତୀତ ରୁଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ଫଳରସଠୁ ଆରମ୍ଭ କରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ, ସୁସ୍ୱାଦୁ ଏବଂ ସୁପାଚ୍ୟ ହେବା ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ସ୍ତନ୍ୟପାନ କରାଇବା ଦ୍ୱାରା ମା'ଦେହରେ ଥିବା ସମସ୍ତ ଗଚ୍ଛିତ ଚର୍ବି ଅଂଶ, ପୁଷ୍ଟିସାର ଓ ଶ୍ୱେତସାର ଅଂଶ କମିଯାଏ। ଏହା ମା'ଦେହରୁ ଅଯଥା ଚର୍ବି ଅଂଶ ଓ ମୋଟାପଣିଆକୁ କମାଇ ଦେଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ ହରମୋନର କ୍ଷରଣ ହେବା ଦ୍ୱାରା ଜରାୟୁ ସଙ୍କୁଚିତ ହୋଇଥାଏ। ମା'ର ମେନୋପଜ ଆଗରୁ ସ୍ତନକର୍କଟ ରୋଗ ହେବା ଆଶଙ୍କା ଶତକଡ଼ା ୬୬ ଭାଗ କମିଯାଇଥିବା ବେଳେ ୭ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଲେ ମା'ର ସ୍ତନକର୍କଟ ରୋଗ ହେବା ଆଶଙ୍କା ପ୍ରାୟ ରୁହେନାହିଁ। ତେଣୁ ମା'କୁ ଉଚ୍ଚରକ୍ତ ଚାପ ଓ ହୃଦଘାତ ହେବା ଆଶଙ୍କା ମଧ କମ ଥାଏ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*




# ଧାନ ଫସଲର କୀଟ ପରିଚାଳନା

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...



**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ। ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତ୍ର ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତ୍ରର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ଼୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର,ଭଦ୍ରକ, ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



**ଭୁବନାନନ୍ଦ ଅଧିକାରୀ**
*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ। ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତପ୍ୱରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ। ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ। ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ। ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ। ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ। ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ। ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ। କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ। ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭିମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

**ଦୀପାୟନ ପାଢ଼ୀ**

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ। ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ। ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା। ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ। ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ। ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି। ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନ୍ୱିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ। ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ। ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି। କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ। ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ। ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି। ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି। ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ। ଯଥା- ଜଉପୋକ, ପତ୍ରଡିଅଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି। କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି। କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି। ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ। ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ। ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ। ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି। ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ।

**କ୍ରାଇସୋପର୍ଲା :**

ଏହାକୁ ଜଉପୋକର ଖାଦକ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ। ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି। ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ। ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି। ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ। ଏହା ସବୁ ପ୍ରକାର ଫସଲରେ ଦେଖାଯାଏ। ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ। ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ। ଏହାର ମାଇ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ। ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି। ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ।

**ରେଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ। ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି। ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ। ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ। ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ। ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଇ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି। ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି। ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର। ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି। ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ। ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି। ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ। ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ। ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ। ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଅ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ। ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ। ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ। ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ। ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି। ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଅ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧାପକ, କୀଟତତ୍ତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




## ପୋଲିସ କାର୍ଯ୍ୟାନୁଷ୍ଠାନ ଦାବୀରେ ଗଣଧାରଣା



କୋଣାର୍କ (ପିଏନ୍)-କୋଣାର୍କ ଥାନାନ୍ତର୍ଗତ ଶିମିଳି ଗ୍ରାମ ପ□ାୟତରେ ଦୁଇ ରାଜନୈତିକ ଗୋଷ୍ଠିର ବିବାଦ ପାଇଁ ସରକାରଙ୍କ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ସରପ□ଙ୍କ ସମର୍ଥକଙ୍କ ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଘଟଣାରୁ ପ୍ରକାଶ ଯେ ଗତ ୩ ତାରିଖ ଦିନ ଶିମିଳି ଗ୍ରାମ ପ□ାୟତରେ କିଛି ବ୍ୟକ୍ତି ସରପ□ ବିଶ୍ୱଜିତ ସ୍ୱାଇଁଙ୍କ ଅନୁପସ୍ଥିତିରେ ଶିମିଳି ଗ୍ରାମ ପ□ାୟତ କାର୍ଯ୍ୟାଳୟରେ ପ୍ରବେଶ କରି କାର୍ଯ୍ୟରତ କର୍ମଚାରୀମାନଙ୍କୁ ମାରଧର କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସରକାରୀ କାଗଜାତ ଚିରାଚିରି କରି କିଛି ଫାଇଲ ନେଇ ଯାଇଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଲିଖିତ ଅଭିଯୋଗରୁ ଜଣାପଡିଛି କି ବିଜୟ କୁମାର ସେଠ୍, ଶରତ କୁମାର ବରାଳ, ଦୁଶ୍ମନ୍ତ କୁମାର ବରାଳ, ରଜନୀ ସେଠ୍, କୃଷ୍ଣମୋହନ ବାରିକ, ଲକ୍ଷ୍ମୀଧର ବାରିକ, ସନ୍ତୋଷ ବରାଳ ଓ ବଟକିଶୋର ସେଠ୍‌ଙ୍କ ସମେତ ୨୦ଜଣରୁ ଅଧିକ ବ୍ୟକ୍ତି ପ□ାୟତ କାର୍ଯ୍ୟାଳୟରେ ପ୍ରବେଶ କରି ଏପରି କାଣ୍ଡ ଭିଆଇବା ପରେ ପ□ାୟତ କାର୍ଯ୍ୟାଳୟକୁ ତାଲା ପକାଇ ରଖିଥିବା ସରପ□ ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇ ବିଭିନ୍ନ ଦଫା ଲାଗିଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଘ□ ଘୋଡାଉଥିବା ଏବଂ ଉଦ୍ଦେଶ୍ୟମୂଳକ ଭାବେ ଶାସକଦଳର ଏହି ଗୋଷ୍ଠିର ବ୍ୟକ୍ତିମାନେ ବାରମ୍ବାର ଏପରି କରୁଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ଏମାନେ ନିର୍ଭୟରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଅରାଜକତା କରୁଥିବାରୁ ଶିମିଳି ପ□ାୟତର ଶତାଧିକ ପୁରୁଷ ଓ ମହିଳା କୋଣାର୍କ ଥାନା ସମ୍ମୁରେ ଧାରଣାରେ ବସିରହିଥିଲେ । ଲଗାଣ ବର୍ଷା ହେଉଥିଲେ ବି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ବରିଷ୍ଠ ପୋଲିସ ଅଧିକାରୀମାନେ ଧାରଣାରତ ପ□ାୟତବାସୀଙ୍କ ପାଖକୁ ଆସି ବୁଝାସୁଝା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରତ ପ□ାୟତବାସୀମାନେ ଗଣଧାରଣାରୁ ହଟିଥିଲେ ।

## ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କୁ ଭେଟିଲା ସଂଗ୍ରାମୀ ଯୁବ ଛାତ୍ର ସଂଗଠନ

ଭୁବନେଶ୍ୱର (ପିଏନ୍): ଏକ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ 'ପୋଲ ନାହିଁ, ଭରାନଦୀରେ ପାର ହେଉଛନ୍ତି ୫୦ ପିଲା' ଶୀର୍ଷକ ରିପୋର୍ଟଟି ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ । ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ର ଘୁଗୁଡ଼ିପଡ଼ା ପ□ାୟତ ଦେଇ ପ୍ରବାହିତ ହେଉଥିବା ବୃ□ଙ୍ଗ ନଦୀର କାଚପଲ୍ଲୀ ଓ ଖଚୁଡ଼ି ଘାଟ ଦେଇ ୫୦ରୁ ଉର୍ଦ୍ଧ୍ୱ ପିଲା ବିପଦଶଙ୍କୁଳ ଅବସ୍ଥାରେ ପାଠ ପଢ଼ିବା ପାଇଁ ଭରା ନଦୀ ଭିତର ଦେଇ ପାର ହେଉଛନ୍ତି । ଏହି ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଅ□ଳବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାକୁ ନେଇ ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ତରଫରୁ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନଙ୍କ ସହିତ ଆଲୋଚନା କରାଯାଇଥିଲା । ଶ୍ରୀମତୀ ପ୍ରଧାନ ଘଟଣାଟିକୁ ଗମ୍ଭୀରତାର ସହକାରେ ନେଇ ମାମଲାଟିକୁ ପଞ୍ଜିକୃତ କରିବା ସହ ବିଭାଗୀୟ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ ପାଇଁ ପ୍ରତିଶୃତି ପ୍ରଦାନ କରିଛନ୍ତି । ଏହାସହ ପିଲାମାନେ ସ୍କୁଲକୁ ସୁବିଧାରେ ଯାଆସ କରିବା ପାଇଁ ଶୀଘ୍ର ସେତୁ ନିର୍ମାଣ ପାଇଁ ଆଦେଶ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ସଂଗ୍ରାମୀ ଯୁବଛାତ୍ର ସଂଗଠନର ସଂଯୋଜକ ମୀର ଅହମ୍ମଦ ଅଲ୍ଲୀଙ୍କ ନେତୃତ୍ୱରେ ସହସଂଯୋଜିକା ବିନ୍ଦୁଜା ଉପାଧ୍ୟାୟ, ସ□ିତା ମହାନ୍ତି, ସହସଂଯୋଜକ ବିନୋଦ କୁମାର ରାଉତ ଶ୍ରୀମତୀ ପ୍ରଧାନଙ୍କୁ ଭେଟିଥିଲେ ।

## ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ: ଦୁଇବର୍ଷ ପରେବି ଚାଲିପାରିଲାନି ପ୍ୟାସେଞ୍ଜର ଟ୍ରେନ୍



କେନ୍ଦ୍ରାପଡ଼ା (ପିଏନ୍): ବହୁ ପ୍ରତିକ୍ଷିତ ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ ସଂପୂର୍ଣ୍ଣ ହେବାର ୨ବର୍ଷ ବିତିଯାଇଥିଲେ ମଧ୍ୟ ସେହି ରେଳପଥରେ ପ୍ୟାସଞ୍ଜର ଟ୍ରେନ୍ ଚାଲିପାରିଲା ନାହିଁ । ଏ ସମ୍ପର୍କରେ ରାଜନେତାଙ୍କ ସ୍ୱର ଧିରେ ଧିରେ ମଉଳି ଗଲାଣି । ଓଡିଶା ବିଧାନସଭାରେ ଜିଲ୍ଲାର ବିଧାୟକମାନେ ହରିଦାସପୁର-ପାରଦୀପ ରେଳପଥରେ ପ୍ୟାସେଞ୍ଜର ଟ୍ରେନ୍ ଚଲିବାକୁ ସ୍ୱର ଉ□ୋଳନ କରୁଛନ୍ତି ନା ଲୋକସଭାରେ ଓଡିଶାର ସାଂସଦ ମାନେ ଏ ସମ୍ପର୍କରେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରୁଛନ୍ତି । କେନ୍ଦ୍ରାପଡା ପ୍ରତି ଏହା ଏକ ବୈମାତୃକ ମନୋଭାବ ବୋଲି ଜିଲ୍ଲାବାସୀ ଧରି ନେଲେଣି । ଓଡିଶାର ପ୍ରମୁଖ ବନ୍ଦର ଥିବା ସହରକୁ ସଂଯୋଗ କରୁଥିବା ପାରାଦୀପ-ହରିଦାସପୁର ରେଳପଥ ଦୀର୍ଘବର୍ଷର ଦାବି ପରେ ସମ୍ଭବ ହୋଇପାରିଛି । ଗତ୨୦୨୦ ମସିହା ଜୁଲାଇ ମାସ ୩୦ ତାରିଖରେ ଏହି ରେଳପଥରେ ପ୍ରଥମ କରି ମାଲବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା । ସେହି ସମୟରେ ଏହି ରେଳପଥରେ ଖୁବ୍ ଶୀଘ୍ର ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା । ଦୀର୍ଘ ୮୨ କି.ମି ବିଶିଷ୍ଟ ଏହି ରେଳପଥରେ ବିଭିନ୍ନ ସ୍ଥାନରେ ହୋଇଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିବ ବୋଲି ପୂର୍ବରୁ ରେଳପଥ ପକ୍ଷରୁ କୁହାଯାଇଥିଲା । ୧୯୯୭ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହରିଦାସପୁର-ପାରାଦୀପ ରେଳପଥ ଘୋଷଣା କରାଯାଇ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟ ୨୦୦୭ରେ ଶେଷ ହେବାର ଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ବିଳମ୍ବ ଘଟିଥିଲା । ୨୦୨୦ ଜୁନ୍‌ରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରୀକ୍ଷାମୂଳକ ଭାବେ ମାଲବାହୀ ଟ୍ରେନ୍ ଚାଲିବା ଆରମ୍ଭ ହୋଇଥିଲା । ଏହି ରେଳପଥ ମଧ୍ୟରେ ୯ଗୋଟି ଷ୍ଟେସନ ରହିଛି । ସେଥିମଧ୍ୟରୁ ଯାଜପୁର ଜିଲ୍ଲାର ହରିଦାସପୁର, ଚଣ୍ଡିଖୋଲ, ରତ୍ନଗିରି ରୋଡ୍, ଲଳିତଗିରି, ବାଜିପଡା ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା, ମାର୍ଶାଘାଇ, କଳାଗଡ, ନୂଆଗାଁ ଓ ସିଜୁ ଷ୍ଟେସନ ରହିଛି । ଏହି ସବୁ ଷ୍ଟେସନ ଗୁଡିକକର ଉନ୍ନତିକରଣ କାର୍ଯ୍ୟ ରେଳ ବିକାଶ ନିଗମ ପକ୍ଷରୁ ହାତକୁ ନିଆଯାଇଛି । ତେବେ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ହେତୁ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବା ସହିତ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳରେ ଅନିଶ୍ଚିତତା ଦେଖାଦେଇଛି । ୨୦୨୧ କେନ୍ଦ୍ର ବଜେଟରେ ଏହି ରେଳପଥ ପାଇଁ ଏକଶହ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିଲା । ଏହି ଅର୍ଥରେ ୨ ଜିଲ୍ଲାରେ ଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ସହ ଷ୍ଟେସନ ଗୁଡିକରେ ଯାତ୍ରୀ ବିଶ୍ରାମାଗର, ଶୌଚାଳୟ, ଅପେକ୍ଷାଗାର ପ୍ରଭୃତି ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା । କିନ୍ତୁ ସେହି ଅର୍ଥକୁ ରେଳଷ୍ଟେସନ କାର୍ଯ୍ୟରେ ନିୟୋଜିତ କରାଯାଇନଥିବା ଅଭିଯୋଗ ହୋଇଛି । ଏହି ରେଳ ପ୍ରକଳ୍ପ ବିଷୟରେ ପୂର୍ବତଟ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସଙ୍କ ସହ ଯୋଗାଯୋଗ କରିବାରୁ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ସେ କହିଛନ୍ତି । ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିଲେ ଜଗତସିଂହପୁର, ପାରାଦୀପ ସହିତ କେନ୍ଦ୍ରାପଡା, ଯାଜପୁର ପ୍ରଭୃତି ଜିଲ୍ଲାର ଲକ୍ଷାଧିକ ଲୋକ ଉପକୃତ ହୋଇପାରିବେ । ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଧୁଭୂଷଣ ମହାପାତ୍ରଙ୍କ କହିବା ଅନୁଯାୟୀ ଏହି ରେଳ ପ୍ରକଳ୍ପ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାବାସୀ ଜମି ଏବଂ ଭୂମି ହରାଇ ବହୁ କଷ୍ଟ ସ୍ୱୀକାର ସହିଛନ୍ତି । ଏଥିସହିତ ଏହି ରେଳ ପ୍ରକଳ୍ପ ପାଇଁ ଜିଲ୍ଲାର ବିଭିନ୍ନ ଅ□ଳରୁ ଯେଉଁ ମାଟି ଯୋଗାଣ ହୋଇଛି, ତାହା ଆସନ୍ତା ଏକଶହ ବର୍ଷ ପର୍ଯ୍ୟନ୍ତ ପୁରଣ ହୋଇପାରିବ ନାହିଁ । ଏଥିସହିତ ଏହି ରେଳ ପ୍ରକଳ୍ପ ଯୋଗୁଁ ଜଳ ନିଷ୍କାସନ ଏକ ମୁଖ୍ୟ ସମସ୍ୟା ପାଲଟିଛି । ଦୂରଦୃଷ୍ଟିର ଅଭାବ ଯୋଗୁଁ ଉଦବୃ□ ବର୍ଷା ଏବଂ ବନ୍ୟା ଜଳ ନିଷ୍କାସନ ନିମନ୍ତେ ରେଳ ପ୍ରକଳ୍ପ କ□ୃପକ୍ଷଙ୍କ ଅପାରଗତା ଯୋଗୁଁ ରେଳଧାରଣାର ଉଭୟ ପାର୍ଶ୍ୱରେ ଜଳ ଜମି ରହିବାରୁ ଏହା ଏକ ଜୋର ଭଳି ଭ୍ରମ ସୃଷ୍ଟି କରିବା ସହିତ ହଜାର ହଜାର ଏକର ଜମିରେ ଜଳ ନିଷ୍କାସନ ହୋଇ ନପାରିବାରୁ ଫସଲ ହାନି ଘଟୁଛି । ତେଣୁ ତୁରନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।

## ଭୁଲ ମାଗିବାରୁ ଠକକୁ ଛାଡ଼ିଦେଲା ପୋଲିସ୍

ଧର୍ମଶାଳା (ପିଏନ୍): ଭୁଲ୍ ମାଗିବାରୁ ଜଣେ ଠକକୁ ଛାଡ଼ିଦେଲା ପୋଲିସ୍ । ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ପ□ାୟତ ମୁଣ୍ଡମାଳ ଗ୍ରାମର ଜଣେ ଯୁବକ ହନୁମାନ ପଇସା ଦେବ କହି କେତେକ ଲୋକଙ୍କ ଠାରୁ ଟଙ୍କା ଠକି ନେଇଥିଲା । ହନୁମାନ ପଇସା ଦେଇପାରୁ ନଥିବାରୁ ଟଙ୍କା ଦେଇଥିବା ଲୋକ ତାକୁ ମାରପିଟ୍ କରିଥିଲେ । ନିଜ ଗାଁରେ ତାକୁ ହଟହଟା ହେବାକୁ ପଡ଼ିଛି । ଜଣେ ଯୁବତୀଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରିବା ପାଇଁ ପ୍ରବର୍ତାଉଥିବା ବେଳେ ଧରା ପଡ଼ିଥିଲା । ପରିବାର ଲୋକ ଘଟଣା ସଂପର୍କରେ ଜାଣି କୋତପୁର ଫାଣ୍ଡିରେ ଏତଲା ଦେବା ପରେ ପୁଲିସ୍ ତାକୁ ଉଠାଇ ନେଇଥିଲା । ଫାଣ୍ଡିରେ ଉକ୍ତ ଯୁବତୀଙ୍କ ପରିବାର ଲୋକଙ୍କୁ ଭୁଲ୍ ମାଗିବା ସହ ମଧ୍ୟସ୍ଥିଙ୍କ ମାଧ୍ୟମରେ ଘଟଣାର ସମାଧାନ କରି ଫେରିଥିବା ଜଣାପଡ଼ିଛି । ପ୍ରକାଶ ଯେ, ମୁଣ୍ଡମାଳ ଗ୍ରାମର ସଂପୃକ୍ତ ଯୁବକ ଏକ ର୍ୟାକେଟ୍ କରି ଧର୍ମଶାଳା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କେତେକ ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ଟଙ୍କା ଅଗ୍ରିମ ଆଣିଥାଏ । ଟଙ୍କା ଠକି ନେବାପରେ ଆଉ ଧରାଛୁଆଁ ଦିଏନାହିଁ । ଏଥିପାଇଁ ଉକ୍ତ ଯୁବକ ବହୁବାର ଲୋକଙ୍କ ଆକ୍ରୋଶର ଶିକାର ହୋଇଛି । ଏହା ସତ୍ତ୍ୱେ ନୂଆ ନୂଆ ସ୍ଥାନରେ ପହ□ ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ନିଜ ର୍ୟାକେଟ୍ ସହଯୋଗରେ ଟଙ୍କା ଲୁଟି ନେଉଥିଲା । ସେହିପରି ଝିଅପିଲାଙ୍କୁ ନାଚ ଶିଖାଇବ ବୋଲି କହି ସେମାନଙ୍କୁ ଅନୈତିକ କାମରେ ଲଗାଉଥିବା ନେଇ ତା' ନାଁରେ ବହୁ ଅଭିଯୋଗ ରହିଛି । ଏହିପରି ଅନେକ ଅଭିଯୋଗ ସ୍ଥାନୀୟ ଅ□ଳର କିଛି ମଧ୍ୟସ୍ଥିଙ୍କ ମାଧ୍ୟମରେ ସମାଧାନ କରି ଉକ୍ତ ଯୁବକ ଆଇନ ଜାଲରୁ ଖସି ଯାଉଥିବା ଜଣାପଡ଼ିଛି ।

## ଶିଶିର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଅଙ୍ଗୁଳାଇ ନିକଟସ୍ଥ ଜଗିପଡା ଗ୍ରାମରେ ସମାଜସେବୀ ଶିକ୍ଷକ ନେତା ଶିଶିର ଦାସଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜସେବୀ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅମୀୟ କୁମାର ନାୟକ ଗୀତାପାଠ କରିଥିଲେ । ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଙ୍ଗୁଳାଇ ଶାଖାର ସଭାପତି ରହିବା ସହ ଅନେକ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସମ୍ପାଦକ କରୁଣାକର ଦାସ, ସଂଗଠନ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ, କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ମାର୍ଶାଘାଇ ପ□ାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ଲେଙ୍କା, ଅରବିନ୍ଦ ପରିଡା, ସୁରେଶ ଚନ୍ଦ୍ର ପଟ୍ଟନାୟକ, ନୀଳମାଧବ ରାଉତ, ନେତ୍ରାନନ୍ଦ କର, ବଳରାମ ସାହୁ, ଶ୍ରୀକାନ୍ତ ସାହୁ, ଉମାକାନ୍ତ ଦାସ ପ୍ରମୁଖ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରିବାର ପକ୍ଷରୁ ସାନଜ୍ୱାଇଁ ଓ ନାତୁଣୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାର ଏବଂ ଅ□ଳ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

## କେନାଲରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁର ପଂଚାୟତ ଅନ୍ତର୍ଗତ ଚାରବାଟିଆସ୍ଥିତ ଏକ କେନାଲରୁ ଗତକାଲି ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ଏହି ପଂଚାୟତ କୋହ୍ଲା ଗ୍ରାମର ମକର ସାହାଣୀ (୬୫) ବୋଲି ଜଣାପଡିଛି । ସେ ଗତକାଲି ସନ୍ଧ୍ୟାରେ ଘରୁ ଆସି ଆଉ ଫେରିନଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ପାଇ ନଥିଲେ । ହେଲେ ଆଜି ଅପରାହ୍ନରେ ସ୍ଥାନୀୟ ଅଂଚଳର କିଛି ଲୋକ ଶୌଚ ହେବାକୁ କେନାଲକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ । ପରବର୍ତୀ ସମୟରେ ଏହା ସ୍ଥାନୀୟ କୋହ୍ଲା ଗ୍ରାମର ମକର ସାହାଣୀଙ୍କ ମୃତଦେହ ବୋଲି ସ୍ଥାନୀୟ ଲୋକେ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଧର୍ମଶାଳା ଥାନା ପୁଲିସ ସେଠାରେ ପହଁଚି ମୃତଦେହକୁ ଜବତ କରିବା ସହ ୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଜିଲ୍ଲାରେ ପ୍ରଥମ ଥର ତିନିଜଣ ଭିନ୍ନକ୍ଷମଙ୍କୁ ଥେରାପିଉଟିକ ସେବା ପାଇଁ ଭୁବନେଶ୍ୱର ପ୍ରେରଣ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭୁବନେଶ୍ୱରର ପୋଖରୀପୁଟ ଠାରେ ରାଜ୍ୟ ଭିନ୍ନକ୍ଷମ ଅନୁଷ୍ଠାନ ଗଠନ କରି ସେଠାରେ ଏକ ବର୍ଷରୁ ୧୪ ବର୍ଷ ମଧ୍ୟରେ ଆସୁଥିବା ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାର ଥେରାପିଉଟିକ ସେବା ଓ ସ୍ୱତନ୍ତ ଶିକ୍ଷା (ସଙ୍ଗୀତ, କଳା, କ୍ରାପ୍ଟ) ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ସେଠାରେ ଅଭିଜ୍ଞ ପ୍ରଶିକ୍ଷକମାନେ ରହି ମାଗଣାରେ ଏହି ସେବା ଯୋଗାଇ ଦେଉଛନ୍ତି । ସେଠାରେ ରହୁଥିବା ଭିନ୍ନକ୍ଷମ ଓ ଜଣେ ସହାୟକଙ୍କ ରହିବା, ଖାଇବା ମାଗଣାରେ ଯୋଗାଇ ଦେବାର ବ୍ୟବସ୍ଥା ଅଛି । ଏପରିକି ତାଙ୍କ ଘରଠାରୁ ଉକ୍ତ ଅନୁଷ୍ଠାନ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ନେଇ ପହ□ାଇବା ଓ ଫେରାଇଆଣି ଘରେ ପହ□ାଇବାର ବ୍ୟବସ୍ଥା ରହିଛି ।

ଏହି ମର୍ମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକର ଶଙ୍ଖପଦା ଗ୍ରାମର ରାଜକିଶୋର ସ୍ୱାଇଁଙ୍କ ଦୁଇ ଯାଆଁଳା ପିଲା ଅହମ ସ୍ୱାଇଁ (୪ ବର୍ଷ) ଓ ଅହଲ୍ୟା ସ୍ୱାଇଁ (୪ ବର୍ଷ) ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ବଡମୂଳବସନ୍ତ ଗ୍ରାମର ବାଦଲ ମଲ୍ଲିକଙ୍କ ୬ବର୍ଷର ସାଇ ମଲ୍ଲିକଙ୍କ ଅଭିଭାବକଙ୍କୁ ବୁଝାଇ ଏକ ସ୍ୱତନ୍ତ୍ର ଗାଡିରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀଙ୍କ ତ□ାବଧାନରେ ପଠାଯାଇଛି । ସେମାନଙ୍କୁ ପ୍ରଶାସନ ଦୁଇଟି ସ୍ୱତନ୍ତ୍ର ଗାଡିରେ ତାଙ୍କ ଗ୍ରାମରୁ ଜିଲ୍ଲା କାର୍ଯ୍ୟାଳୟକୁ ଆଣିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗାପ୍ରସାଦ ମହାରଣା ଓ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ପିଲାମାନଙ୍କୁ ଖେଳନା ଓ ମିଠା ପ୍ୟାକେଟ ଦେଇ ସ୍ୱାଗତ କରିଥିଲେ ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ଏହି ନୂତନ ଯୋଜନା ଉପରେ ସମସ୍ତଙ୍କୁ ଅବଗତ କରିବା ପରେ ଉଭୟ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଗାଡିକୁ ଭୁବନେଶ୍ୱର ଅଭିମୁଖେ ପଠାଇଥିଲେ । ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଭିନ୍ନକ୍ଷମଙ୍କୁ ସେବା ଯୋଗାଇଦେବାରେ ଅଗ୍ରାଧିକାର ଦେଉଥିବାର ପ୍ରମାଣ ଆଜିର ଏହି କାର୍ଯ୍ୟକ୍ରମ ଏକ ଅଂଶବିଶେଷ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି । ଏଭଳି ଏକବର୍ଷରୁ ୧୪ ବର୍ଷର ଭିନ୍ନକ୍ଷମ ପିଲାମାନେ ଯଦି ମାଗଣାରେ ଥେରାପିଉଟିକ ସେବା ଚାହାନ୍ତି ତେବେ ସ୍ଥାନୀୟ ବ୍ଲକ କିମ୍ବା ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ଅଳପୁଆ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବୀ ଜୋର ଧରିଲା

କେନ୍ଦ୍ରାପଡ଼ା (ପିଏନ୍): ଚିର ବନ୍ୟା, ବାତ୍ୟା ପ୍ରପିଡିତ ଅଳପୁଆ ପ□ାୟତ ଅଧିବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ହାଇସ୍କୁଲ ପରିସରରେ ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି ପ୍ରଶାସନର କାଳକ୍ଷେପଣ ନୀତି ପଟ୍ଟାମୁଣ୍ଡାଇ ଧୋୟା□ଳର ଅଧିବାସୀମାନଙ୍କୁ ନିରାଶ କରିଛି । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ନିର୍ମିତ ହୋଇଥିବା ଆଶ୍ରୟସ୍ଥଳକୁ ସୁରକ୍ଷା ଦୃଷ୍ଟିକୋଣରୁ ଭାଙ୍ଗି ଦିଆଯାଇଥିଲା । କାରଣ ସଂପୃକ୍ତ କୋଠାର ନିର୍ମାଣ କାର୍ଯ୍ୟ ନିମ୍ନମାନର ଥିଲା । ତେବେ ସେହି ସ୍ଥାନରେ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ପ୍ରଶାସନର ପ୍ରତିଶୃତି ପାଣିରେ ଗାର ସଦୃଶ ହୋଇଛି । ଏଥିପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି । ଏ ସମ୍ପର୍କରେ ଅଳପୁଆବାସୀଙ୍କ ପକ୍ଷରୁ ପ୍ରଶାସନ ଓ ନେତୃମଣ୍ଡଳୀଙ୍କୁ ବାରମ୍ବାର ଅବଗତ ମଧ୍ୟ କରାଯାଇଛି । କିନ୍ତୁ ଅଦ୍ୟାବଧି କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅଳପୁଆ ପ□ାୟତ ଅଧିବାସୀଙ୍କ ପକ୍ଷରୁ ସମାଜସେବୀ ଅକ୍ଷୟ କୁମାର ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ବାରୁଅ ଗ୍ରାମପଂଚାୟତ ସରପଂଚଙ୍କ ବିରୋଧରେ ୱାର୍ଡସଭ୍ୟ/ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ନୋଟିସ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମପଂଚାୟତର ସରପଂଚ ସୁଶୀଳା ରାଉତଙ୍କ ବିରୋଧରେ ମୋଟ ୨୧ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୧୭ଜଣ ୱାର୍ଡସଭ୍ୟ/ସଭ୍ୟାମାନେ ନାୟବ ସରପଂଚ ବସନ୍ତ ନାୟକ ଓ ୧୫ନମ୍ବର ୱାର୍ଡସଭ୍ୟ ଗୋବର୍ଦ୍ଧନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ପ୍ରଦାନ କରିଥିବା ଜଣାପଡିଛି । ଗତ ୮ତାରିଖରେ ଏହି ଉପଲକ୍ଷେ ପଂଚାୟତର ନାୟବ ସରପଂଚ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ବାରୁଅସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ମଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକରେ ବାରୁଅ ପଂଚାୟତର ସରପଂଚ ଶ୍ରୀମତୀ ରାଉତଙ୍କ ମନମୁଖି ବେଆଇନ କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଅରାଜକତା ବାତାବରଣ ଉପରେ ଉପସ୍ଥିତ ପଂଚାୟତର ୱାର୍ଡସଭ୍ୟ/ସଭ୍ୟାମାନେ ବିଷଦ ଭାବେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ । ପ୍ରସ୍ତାବ ଗୁଡିକ ମଧ୍ୟରେ ଗତ ଏକବର୍ଷ ହେବ ପଂଚାୟତର ବୈଠକ ନବସିବା, ପଲ୍ଲିସଭା ଓ ଗ୍ରାମସଭା ଆହୁତ ନହୋଇ ପଂଚାୟତରେ ବିଭିନ୍ନ କାର୍ଯ୍ୟ କରାଯିବା, ପିଛିଲା ପଲ୍ଲିସଭାରେ ଚଂଚକତା ପୂର୍ଣ୍ଣ ଭାବେ ବ[illegible]ମାନର କାର୍ଯ୍ୟ ଗୁଡିକୁ ଯୋଗ କରାଯିବା,ପଂଚାୟତକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ପଂଚାୟତ ବୈଠକରେ ଆଲୋଚନା କରାନଯିବା ପ୍ରଭୃତି ସରପଂଚଙ୍କ ମନମୁଖି କାର୍ଯ୍ୟକୁ ପ୍ରତିପାଦିତ କରୁଛି । ଗତ ଫନୀ ବାତ୍ୟାରେ ପଂଚାୟତକୁ ଆସିଥିବା ରିଲିଫ ସାମଗ୍ରୀ ପଂଚାୟତର ଜନସାଧାରଣଙ୍କ ମଧ୍ୟରେ ବଂଟନ କରାନଯାଇ ଏବେବି ପଂଚାୟତର ଗୋଦାମଘରେ ଖତ ଖାଇବା ସରପଂଚଙ୍କ ଅବହେଳାର ନିଦର୍ଶନ । ପଂଚାୟତରେ ଗ୍ରାମ ଆଲୋକୀକରଣ ଯୋଜନାରେ ଲଗାଯାଇଥିବା ଷ୍ଟ୍ରୀଟ ଲାଇଟରେ ବ୍ୟାପକ ଦୁର୍ନିତୀ, ଇନ୍ଦିରା ଆବାସ,ବିଜୁ ପକ୍କାଘର ଓ ମୋକୁଡିଆ ଯୋଜନାରେ ଠିକଣା ହିତାଧିକାରୀ ଚୟନ ନହେବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଉ । ଏହିସବୁ ଦୁର୍ନିତୀ,ବେଆଇନ,ଅବହେଳା ଓଭ୍ରଷ୍ଟାଚାର କାରଣରୁ ସରପଂଚ ଶ୍ରୀମତୀ ରାଉତଙ୍କ ଉପରୁ ଆସ୍ଥା ହରାଇ ତୁରନ୍ତ ତାଙ୍କୁ ଆଇନ ମୁତାବକ ବହିଷ୍କାର କରାଯିବା ପାଇଁ ବୈଠକରେ ଦାବୀ କରାଯାଇଛି । ବୈଠକରେ ସରପଂଚଙ୍କ ବିରୋଧରେ ଗୃହିତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ୱାର୍ଡସଭ୍ୟ ଉମେଶ ଚନ୍ଦ୍ର ପରିଡା, ରାଜ କିଶୋର ନାୟକ, ମୀନତି ପରିଡା, ସୁକାନ୍ତି ଦାସ, ନକୁଳ ମଳିକ, ସଂଯୁକ୍ତା ବିଶ୍ୱାଳ, ରଶ୍ମିତା ମଳିକ, ସ୍ନେହଲତା ପାଳ, ପ୍ରବୀର କୁମାର ମଳିକ, ବିଦ୍ୟୁଲତା ସେଠୀ, ମମତା ସାମଲ, ମାନସ ପରିଡା, ରୁକ୍ମଣୀ ପରିଡା, ଗୋବର୍ଦ୍ଧନ ଦାସ, ମନୋରମା ବିଶ୍ୱାଳ ଓ ଲିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଶ୍ରୀମତୀ ରାଉତଙ୍କ ବିରୋଧରେ କୋଟି କୋଟି ଟଙ୍କା ଆତ୍ମସାତର ଅଭିଯୋଗ ଆଣିଛନ୍ତି ୧୭ଟି ୱାର୍ଡର ୱାର୍ଡସଭ୍ୟ/ସଭ୍ୟା । ଏମଜିଏନଆରଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନିକରଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନା କାର୍ଯ୍ୟରେ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଏଭଳିକି କୋଭିଡ ସମୟରେ ମଧ୍ୟ ସରପଂଚ କୌଣସି ୱାର୍ଡସଭ୍ୟ/ସଭ୍ୟାଙ୍କୁ ନଜଣାଇ ନିଜେ ସବୁ ନିମ୍ନମାନର ଉପକରଣ କିଣିଥିବା ଅଭିଯୋଗ ହୋଇଛି । ୨୧ଟି ୱାର୍ଡରେ ୮୦ଟି ନିମ୍ନମାନର ବିଦ୍ୟୁତ ବଲ୍ୱ ଲଗାଯାଇଥିବା ବେଳେ ୧୫୦ଟି ବଲ୍ୱ ଲାଗିଥିବା ଦର୍ଶାଇ ପ୍ରତ୍ୟେକ ବଲ୍ୱର ଦାମ ୧୫ହଜାର ୫ଶହ ଟଙ୍କା ଲେଖାଁଏ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସରପଂଚଙ୍କ ଏଭଳି ଏକଛତ୍ରବାଦ ନୀତି ବିରୋଧରେ ୱାର୍ଡସଭ୍ୟ/ସଭ୍ୟାମାନେ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା କହିଛନ୍ତି । ଯଦି ସରକାରୀ ଆଇନ ଅନୁଯାଇ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେମାନେ ବାଧ୍ୟ ହୋଇ ସବୁଦିନ ପାଇଁ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ପାରଳା ମହିଳା ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟାପିକା ସୌଦାମିନୀ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି,(ପି.ଏନ): ମହିଳା ସ୍ନାତକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପିକା ସୌଦାମିନୀ ପଣ୍ଡାଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା । ଏହି ଭାବମୟ ପରିବେଶରେ ମହାବିଦ୍ୟାଳୟ ପରିଚ଼ାଳନା କମିଟିର ସଦସ୍ୟବୃନ୍ଦ, ମହାବିଦ୍ୟାଳୟର ଅଧ୍ୟକ୍ଷା, ଶିକ୍ଷକ ତ?ଥା ଅଣଶିକ୍ଷକ କର୍ମଚ଼ାରୀ ଏବଂ ଛାତ୍ରୀବୃନ୍ଦ ଉପସ୍ଥିତ ରହି ବିଦାୟୀ ଅଧ୍ୟାପିକା ଶ୍ରୀମତୀ ପଣ୍ଡାଙ୍କ ଦୀର୍ଘ ୨୬ ବର୍ଷର ଅଧ୍ୟାପନା ଅନୁଭୂତିର ସ୍ମୃତି- - ଚ଼ାରଣ କରିଥିଲେ । ସଭାରେ ଅଧ୍ୟକ୍ଷତା କରିଥିବା, ଅଧ୍ୟକ୍ଷା ଡ ରୀନା ସାହୁ, ଶ୍ରୀମତୀ ପଣ୍ଡାଙ୍କ ସହିତ ଜଡିତ ସହକର୍ମୀର ଅନୁଭୂତି ବଖାଣିବାକୁ ଯାଇ, ସେ କିପରି ଜଣେ ଛାତ୍ରୀବତ୍ସଳା, ଅମାୟିକା, ପରୋପକାରୀ, ସମୟାନୁବର୍ତ୍ତିତା, ସହଭାଗିତା, ସହନଶୀଳା ତଥା ଶୃଙ୍ଖଳିତ ବ୍ୟକ୍ତିତ୍ୱ ତା' ଉପରେ ଆଲୋକପାତ କରିଥିଲେ ଓ ଅନୁଷ୍ଠାନର ସମସ୍ତ କର୍ମଚ଼ାରୀବୃନ୍ଦ ଅଧ୍ୟାପିକା ସୌଦାମିନୀ ପଣ୍ଡାଙ୍କ ସହିତ ବିତାଇଥିବା ପାରିବାରିକ, ସଂପର୍କକୁ ନେଇ ନିଜ ନିଜ ସମ୍ବେଦନଶୀଳ ଅନୁଭୂତି ବଖାଣିଥିଲେ । ସେହିପରି ଛାତ୍ରୀମାନେ ମଧ ଶ୍ରୀମତୀ ପଣ୍ଡାଙ୍କର ଅଧ୍ୟାପନା ଶୈଳୀ ଓ ବାଗ୍ମୀତା ଦ୍ୱାରା କିପରି ଉପକୃତ ହୋଇଛନ୍ତି ଆଲୋଚ଼ନା କରିଥିଲେ ଓ ବିଦାୟ ସମ୍ବଦ୍ଧନାର ପ୍ରତ୍ୟୁତ୍ତରରେ ଅଧ୍ୟାପିକା ସୌଦାମିନୀ ପଣ୍ଡା ତାଙ୍କ କର୍ମ କ୍ଷେତ୍ରକୁ କିପରି ଏକ ପରିବାର ସଦୃଶ ମଣୁଥିଲେ ଏବଂ ଅଧ୍ୟାପନା ତାଙ୍କ ପାଇଁ ଏକ ବୃତ୍ତି ନୁହେଁ, ଏକ ଆଗ୍ରହ ବା ରୁଚ଼ି ଥୁଲା ତାହା ତାଙ୍କ ଆବେଗମୟ ଭାଷଣରେ ଉପସ୍ଥାପନା କରିଥିଲେ । ବିଦାୟୀ ଅଧ୍ୟାପିକା ଶ୍ରୀମତୀ ସୌଦାମିନୀ ପଣ୍ଡାଙ୍କ ସମ୍ମାନାର୍ଥ ? ଉପଢୌକନ, ମାନପତ୍ର, ସ୍ମାରକ ସହ ନୈଶଭୋଜିର ଆୟୋଜନ ମଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ସୁନିରୀକ୍ଷଣରେ ପରିଚ଼ାଳନା କରିଥିଲେ ।

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday August 03 2024 | ଭୁବନେଶ୍ୱର ଶନିବାର, ଅଗଷ୍ଟ ୦୩,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## କୁଳମଣି ବିଶ୍ୱାଳଙ୍କର ଏକକ ଚିତ୍ରକଳା ପ୍ରଦର୍ଶନୀ 'ପ୍ରତିବିମ୍ବ' ଉଦଘାଟିତ

ନୂଆଦିଲ୍ଲୀ ,(ପି.ଏନ):ଏଠାକାର ହାବିଟାଟ୍ ସେଣ୍ଟର ସ୍ଥିତ ଓପନ ପାମ କୋର୍ଟ ଗ୍ୟାଲେରୀ ଠାରେ ବରିଷ୍ଠ ପ୍ରଶାସକ କୁଳମଣି ବିଶ୍ୱାଳଙ୍କ ଦ୍ୱାରା ଆୟୋଜିତ 'ପ୍ରତିମ୍ବିବ' ଶୀର୍ଷକ ଚିତ୍ର ପ୍ରଦର୍ଶନୀ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି। ଅଗଷ୍ଟ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ଅଙ୍କା ଯାଇଥିବା ୪୦ ଟି ବଛା ବଛା ଛବି ପ୍ରଦର୍ଶନ କରାଯାଉଛି। ବହୁବିଧ ବିଷୟ ବସ୍ତୁକୁ ଆଧାର କରି ଅଙ୍କାଯାଇ ଥିବା ଏହି ଚିତ୍ର ଗୁଡ଼ିକ ମଧ୍ୟରେ ଶାନ୍ତି ଦୂତ ଗୌତମ ବୁଦ୍ଧ, ନ୍ୟାୟର ସର୍ବୋଚ୍ଚ ମନ୍ଦିର ସୁପ୍ରିମ କୋର୍ଟ, ମାନବବାଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରାଚୁର୍ଯ୍ୟ ଭରା ପ୍ରକୃତି ଏବଂ ସର୍ବଗୁଣ ସମ୍ପନ୍ନା ନାରୀ ଆଦି ପ୍ରସଙ୍ଗଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିବା ଲକ୍ଷ୍ୟ କରାଯାଇଥିଲା। ଅଗଷ୍ଟ ୧ ତାରିଖର ପ୍ରଦର୍ଶନୀର ଉଦଘାଟନୀ ଅଧିବେଶନରେ ଉଦ୍ୟୋଗ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି, ସାଂସଦ, ସୁନାମଧନ୍ୟ ଚିତ୍ରକାର ବୃନ୍ଦ ଏବଂ ଶତାଧିକ କଳା ପ୍ରଶଂସକ ଯୋଗ ଦେଇଥିବା ଦେଖା ଦେଇଥିଲା। ଜାତୀୟ ରାଜଧାନୀର ପ୍ରତିଷ୍ଠିତ ସାଂସ୍କୃତିକ ସମାଲୋଚକ ଏବଂ ଚିତ୍ର କଳା କ୍ଷେତ୍ରର ଜଣାଶୁଣା ବିଶେଷଜ୍ଞମାନେ ଶ୍ରୀ ବିଶ୍ୱାଳଙ୍କର 'ପ୍ରତିମ୍ବିବ' ପ୍ରଦର୍ଶନୀକୁ ବେଶ ଉଚ୍ଚ କୋଟିର ମାନ୍ୟତା ପ୍ରଦାନ କରୁଥିବା ଜଣାଯାଇଛି। ଜଣେ ବହୁ ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ କୁଳମଣି ବିଶ୍ୱାଳ ତାଙ୍କର ଜୀବନ ଯାତ୍ରାରେ ବେଶ ପ୍ରସିଦ୍ଧି ଓ ପ୍ରଶସ୍ତି ଲାଭ କରିଛନ୍ତି। ପେଶାରେ ଜଣେ କଷ୍ଟ ଏକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ



ଆରମ୍ଭ କରିଥିବା ଶ୍ରୀ ବିଶ୍ୱାଳ, ଏମ.ସି.ଏଲ ଓ ଏନ.ଟି.ପି.ସି ଭଳି ବୃହତ୍ ସରକାରୀ ସଂସ୍ଥାନ ମାନଙ୍କର ବିତ୍ତ ନିର୍ଦ୍ଦେଶକ ପରି ଉଚ୍ଚ ପଦବୀରେ ଆସୀନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ନିଜର ବୃତ୍ତିରେ ଉଲ୍ଲେଖଯୋଗ୍ୟ ସାଫଲ୍ୟ ଅର୍ଜନ କରିବା ସାଙ୍ଗକୁ ଶ୍ରୀ ବିଶ୍ୱାଳ ଜଣେ ସ୍ୱଭାବ କବି, ସରସ ଚିତ୍ରକାର ଏବଂ ସୁମଧୁର କଣ୍ଠଶିଳ୍ପୀ ଭାବେ ମଧ୍ୟ ବେଶ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ପ୍ରଦର୍ଶନୀ ବାବଦରେ ଗଣମାଧ୍ୟମକୁ ସୂଚନା ଦେବାକୁ ଯାଇ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ' ଫାଇନାନ୍ସ ଓ ମ୍ୟାନେଜମେଣ୍ଟ ମୋର ପେଶା ହୋଇଥିବା ବେଳେ ଚିତ୍ରକାରିତା ଓ ପଦ୍ୟ ଲିଖନ ପ୍ରତି ମୋର ବହୁତ ବଡ ସୌକ ରହିଛି। ମୁଁ ସଦାସର୍ବଦା ମୋର ପେଶା କ୍ଷେତ୍ରରେ ଉତ୍କୃଷ୍ଟତା ହାସଲ କରିବା ଦିଗରେ ଧ୍ୟାନ ଦେଉଥିଲେ ହେଁ, ମୋର ବ୍ୟସ୍ତ ବହୁଳ ଜୀବନ ମଧ୍ୟରୁ କିଛି ସମୟ ବାହାର କରି ଚିତ୍ର ଆଙ୍କିବା ଓ କବିତା ଲେଖିବା ଦିଗରେ ମନୋନିବେଶ କରିଥାଏ। ପିଲା ବେଳରୁ ହିଁ ଚିତ୍ର ଆଙ୍କିବା ଏବଂ ଓଡ଼ିଆ ସାହିତ୍ୟ ପ୍ରତି ମୋର ଆଗ୍ରହ ରହି ଆସିଛି। ବିଶେଷ କରି ବିଖ୍ୟାତ ଓଡ଼ିଆ କବି ମାନଙ୍କର କାଳଜୟୀ କବିତା ଓ କାବ୍ୟ ଗୁଡ଼ିକୁ ପଢିବାକୁ ମତେ ବହୁତ୍ ଭଲ ଲାଗେ। ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟକୁ ଆଧାର କରି ଚିତ୍ର ଆଙ୍କିବାକୁ ମୁଁ ଖୁବ ପସନ୍ଦ କରେ। ଗୌତମ ବୁଦ୍ଧ, ମହାତ୍ମାଗାନ୍ଧୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ମହିମା ମଣ୍ଡିତ ବ୍ୟକ୍ତିତ୍ୱ ଦ୍ୱାରା ମୁଁ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏଣୁ ସ୍ୱାଭାବିକ ଭାବେ ମୋର ଅଧିକାଂଶ ଚିତ୍ର ଏହି ମହାପୁରୁଷ ମାନଙ୍କର ନୀତି ଓ ଆଦର୍ଶକୁ କେନ୍ଦ୍ର କରି ହିଁ ଅଙ୍କା ଯାଇଛି। ମୁଁ ପ୍ରଚଳିତ ସାମାଜିକ ବ୍ୟବସ୍ଥା ଉପରେ ମଧ୍ୟ ଚିତ୍ର ଆଙ୍କିଛି। ବୁଦ୍ଧମ୍ ଶରଣଂ ଗଛାମି, ଅଭିସାରିକା, ପ୍ରତିମ୍ବିବ, ନୈନିତାଲ ଓ ଅଂଶୁପା ଆଦି ମୋର କିଛି ଚିତ୍ରର ସାଙ୍କା। ମୋର ଦୃଢ଼ ବିଶ୍ୱାସ ଯେ ଉତ୍ସର୍ଗୀକୃତ ସାଧନା ଏବଂ ଗଭୀର ଇଚ୍ଛାଶକ୍ତି ବଳରେ ଜଣେ ସାଧାରଣ ମଣିଷ ଯାହା ବି ଚାହିଁବ ତାହା କରି ପାରିବ। ଏକଲବ୍ୟଙ୍କ ଭଳି କୌଣସି ଆନୁଷ୍ଠାନିକ ତାଲିମ ନଥାଇ ବି ଜଣେ ପକ୍କା ଅର୍ଥ ବିଶେଷଜ୍ଞଙ୍କ ପକ୍ଷରେ ଜଣେ ଆଗଧାଡିର ଚିତ୍ରକାର ବା ଉଚ୍ଚ କୋଟୀର କବି ବନିବା କିଛି ଅସମ୍ଭବ ବ୍ୟାପାର ନୁହେଁ।' ଶ୍ରୀ ବିଶ୍ୱାଳଙ୍କର ଅନନ୍ୟ ଓ ଅସାମାନ୍ୟ କଳାକୃତିର ସ୍ତୁତି ଗାନ କରି ପ୍ରଦର୍ଶନୀର ଉଦଘାଟକ ଓ ମୁଖ୍ୟ ଅତିଥି ଆଇ.ସି.ସି. ଆର ର ଉପସଭାପତି ଅଦ୍ୱ ?ତ ଗଡ଼ନାୟକ, ଶ୍ରୀ ବିଶ୍ୱାଳଙ୍କ ଅଙ୍କନରେ ପ୍ରକୃତି ଏବଂ ମାନବର ଭାବ ଭଙ୍ଗୀକୁ ବେଶ ଜୀବନ୍ତ ଓ ପ୍ରାଞ୍ଜଳ ଭାବରେ ଦର୍ଶାଯାଇଛି ବୋଲି ଉଲ୍ଲେଖ କରିଥିଲେ। ବିଶିଷ୍ଟ ଅତିଥି ଯାଜପୁରର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ଶ୍ରୀ ବିଶ୍ୱାଳ ଜଣେ ପାରଙ୍ଗମ ପ୍ରଶାସକ ହୋଇଥିଲେ ମଧ୍ୟ କଳା କ୍ଷେତ୍ରରେ ତାଙ୍କର ସାଧନା ଓ ସିଦ୍ଧି ତାଙ୍କୁ ମହାନ୍ କରିଥିବା ଦର୍ଶାଇଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସୁନାମଧନ୍ୟ ଚିତ୍ରକର ଯତୀନ ଦାସ, ବୈଦେଶିକ ବିଭାଗର ପୂର୍ବତନ ସଚିବ ଅମରେନ୍ଦ୍ର ଖଟୁଆ, ୱାର୍ଲ୍ଡ ଓଡ଼ିଶା ସୋସାଇଟି (ୱା.ଓ.ସୋ) ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏବଂ ପି.ଜି.ସି.ଆଇ. ଏଲରକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ୱାଇ.ଭି.ଦୀକ୍ଷିତ୍ ପ୍ରମୁଖ ଶ୍ରୀ ବିଶ୍ୱାଳଙ୍କର ସୃଜନଶୀଳ ପ୍ରତିଭା ଓ ଅସାଧାରଣ ପାରଦର୍ଶିତାକୁ ଭୂରି ଭୂରି ପ୍ରଶଂସା କରୁଥିଲେ। ପ୍ରଦର୍ଶନୀର ଅଭୁତପୂର୍ବ ଲୋକପ୍ରିୟତା ନେଇ ନିଜର କୃତଜ୍ଞତା ପ୍ରକାଶ କରି କୁଳମଣି ବିଶ୍ୱାଳ, ଏକ ମହତ୍ ଉଦ୍ଦେଶ୍ୟରେ ଏହାକୁ ଆୟୋଜନ କରାଯାଇଥିବା ଦର୍ଶାଇଥିଲେ। ଏଠାରେ ପ୍ରଦର୍ଶିତ ଚିତ୍ର ଗୁଡ଼ିକର ବିକ୍ରୟରୁ ହେବାକୁ ଥିବା ଆୟ କୁ ସେ ପୋଷ୍ୟ ଭାବେ ଗ୍ରହଣ କରିଥିବା ନିଜ ଗ୍ରାମର ଏକ ବିଦ୍ୟାଳୟର ବିକାଶ ଓ ଗରିବ ମେଧାବୀ ବିଦ୍ୟାର୍ଥୀ ମାନଙ୍କୁ ବୃତ୍ତି ପ୍ରଦାନ କରାଯିବାରେ ବିନିଯୋଗ କରାଯିବ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ।ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଭେଲର ପୂର୍ବତନ ନିର୍ଦ୍ଦେଶକ ପି.କେ. ବାଜପେୟୀ, ଓ.ଏନ.ଜି.ସିର ପୂର୍ବତନ ନିର୍ଦ୍ଦେଶକ ଡି. ଡି ମିଶ୍ର, ଶ୍ରୀ ବିଶ୍ୱାଳଙ୍କର ପତ୍ନୀ ଶ୍ରୀମତୀ ମିନତୀ ବିଶ୍ୱାଳ, ଓଡ଼ିଶା କର୍ପୋରେଟ ଫାଉଣ୍ଡେସନର ସଭାପତି ହୃଷୀକେଶ ବେହେରା, ୱା.ଓ.ସୋର ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା, ନୂଆଦିଲ୍ଲୀ ଶାଖାର ସଭାପତି ବିମଳ ଭଲ, ମହାକାଂକ୍ଷା ୱେଲଫେୟାର ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ପୁଷ୍ପାଞ୍ଜଳି ବାରିକ, ଚିତ୍ରକାର ରାଜେଶ ବଦେରିଆ, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ନାଥ, ସରୋଜ ପାଣିଗ୍ରାହୀ, ପ୍ରିୟତମା କର, ସମୀର ସାମଲ ଓ ବିଶ୍ୱଜୀତ ବାରିକ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

## କାଞ୍ଚନ ଫାଉଣ୍ଡେସନ ଓ ଗ୍ରୀନ ଜୟଦେବ ଫାଉଣ୍ଡେସନ ପକ୍ଷରୁ ପର୍ବତାରୋହିଣୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧନା



ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ହୀରାପୁର ସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟା ଚଉଷଠି ଯୋଗିନୀ ମନ୍ଦିର ଅତିଥି ଭବନରେ ଶୁକ୍ରବାର ମଧ୍ୟାହ୍ନରେ ପର୍ବତାରୋହଣୀ ବିଭାରାଣୀ ପାତ୍ରଙ୍କୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ଓ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୁଲ୍ୟରେ ଚଳିତ ମାସ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଇରୋପ ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଲବ୍ରସ ଯାହାର ଉଚ୍ଚତା ୫୬୪୨ମି ଜୟ ଯାତ୍ରା କରିବା ନେଇ ସମ୍ବର୍ଦ୍ଧନା ସହ ୫ହାଜର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେ ଖୁବ୍ କମ ବୟସରେ ନିଜର ନିଷ୍ଠାପର ଓ କଠିନ ପରିଶ୍ରମ ଫଳରେ ବିଗତ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ସହ କୃତ କାର୍ଯ୍ୟ ହୋଇ ଓଡ଼ିଶା ତଥା ଭାରତ ବର୍ଷରେ ଜଣେ ସଫଳ ପର୍ବତାରୋହିଣୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ତାଙ୍କର ଜନ୍ମ ସ୍ଥାନ ଢେଙ୍କାନାଳ ଜିଲ୍ଲାର ଏକ ମଧ୍ୟ ପରିବାର କ୍ଷୁଦ୍ର ଗ୍ରାମରେ ହେଲେ ମଧ୍ୟ ଏକାଧାରରେ ସମରକଳା ସହିତ ସମାଜସେବୀ ଭାବରେ ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସୁପରିଚିତ । ତାଙ୍କର ଯାତ୍ରା ସଫଳତା ନେଇ ମା ମହାମାୟା ଓ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ତାଙ୍କର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ତଥା ସମାଜସେବୀ ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ,ମୁଖ୍ୟବକ୍ତା ଭୁବନେଶ୍ୱର ସାଂସଦଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲ୍ଲିକ ଯୋଗଦେଇ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରି କିଭଳି ଜୀବନରେ ସଫଳ ହୋଇ ନିଜର ଜାତୀୟ ପତାକା ତିରଙ୍ଗା ଶୃଙ୍ଗ ଶୀର୍ଷରେ ଉଡାଇବେ ସଫଳତା କାମନା କରିଥିଲେ । ସମ୍ମାନିତ ଅତିଥିଭାବେ ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଅନ୍ୟତମ ଅତିଥି ଭାବେ ସମାଜସେବୀ ବିଜୟ କୁମାର ମହାରଣା, ସମାଜସେବୀ, ବ୍ରଜବନ୍ଧୁ ଠାକରେ, ନିଜ ବକ୍ତବ୍ୟ ମାଧ୍ୟମରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଦୀପକ ସ୍ୱାଇଁ ସହଯୋଗ କରିଥିବା ବେଳେ ତାପସ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ହଣ୍ଡିରୁ ସଂଗ୍ରହ ହେଲା ୯୯ ଲକ୍ଷ ଟଙ୍କା,୨ କେଜି ରୂପା ଓ ୫୩ ଗ୍ରାମ ସୁନା

ରାୟଗଡ଼ା: ହଣ୍ଡିରୁ ସଂଗ୍ରହ ହେଲା ୯୯ ଲକ୍ଷ ଟଙ୍କା, ୨ କେଜି ରୂପା ଓ ୫୩ ଗ୍ରାମ ସୁନା। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାୟଗଡ଼ା ଅଧିଷ୍ଠାତ୍ରୀ ମା ମଝିଘରିଆଣୀ ମନ୍ଦିର ଦାନ ହୁଣ୍ଡି ଖୋଲା ଯାଇ ଗଣତି ଶେଷ ହୋଇଛି, ଏହି ଗଣତି ପାଇଁ ପ୍ରାୟ ୨୦୦ ଲୋକଙ୍କୁ ୧୨ ଘଣ୍ଟା ସମୟ ଲାଗିଥିଲା। ଏଥିରେ ସଂଗ୍ରହ ହୋଇଛି ସଂଗ୍ରହ ହୋଇଛି ୯୯ ଲକ୍ଷ ୧୫ ହଜାର ୪୨୨ ଟଙ୍କା, ସୁନା ୫୩ ଗ୍ରାମ, ରୂପା ୨ କେ.ଜି ୩୯୨ ଗ୍ରାମ, ଇଂଲଣ୍ଡ କୋରେନ୍ସି ୨୦ ଫଉଣ୍ଡ ୨୦ ଟି, ଟେନ୍ ଫାଉଣ୍ଡ ୧୦ ଟି, ଆମେରିକାନ ଡଲାର ୨୦ ପାଉଣ୍ଡ ର ଗୋଟିଏ ଓ ଥାଇଲାଣ୍ଡ ଗୋଟାଏ ୧୦୦ ଟଙ୍କା ମୁଦ୍ରା ସଂଗ୍ରହ ହୋଇଥିଲା । ୪ ମାସ ପୂର୍ବ ? ଅର୍ଥାତ ୧୮.୦୩.୨୦୨୪ ତାରିଖରେ



ଶେଷଥର ଖୋଲା ଯାଇଥିଲା ଏଥିରେ ୮୯ ଲକ୍ଷ ୭୨ ହଜାର ୨୨୫ ନଗଦ ଟଙ୍କା,୬୨ ଗ୍ରାମ ସୁନା, ୨ କେଜି ୩୦୦ ଗ୍ରାମ ରୂପା ସହିତ ୬୬ ଟି ବିଦେଶ ନୋଟ୍ ସଂଗ୍ରହ ହୋଇଥିଲା, ଗଣତି କାଯ୍ୟ ପ୍ରାୟ ୧୦ ଘଣ୍ଟା ଲାଗିଥିଲା।ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୋଲିସର କଡା ସୁରକ୍ଷା ବଳୟ ମଧ୍ୟରେ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ରାଇ ସିଂ ବିଡ଼ିକା, ସଦସ୍ୟ ଓ କର୍ମକର୍ତ୍ତା ଙ୍କ ଉପସ୍ଥିତି ରେ ଦାନ ହୁଣ୍ଡି ଖୋଲା ଜାଇ ଥିଲା, ୯ ଟି ହୁଣ୍ଡି ର ଦାନ ଅର୍ଥ ଗଣତି କାର୍ଯ୍ୟରେ ମହିଳା ସ୍ବେଚ୍ଛାସେବୀ ସଙ୍ଗଠନ ସଦସ୍ୟ ନିୟୋଜିତ କରାଯାଇଥିଲା ଏଥିରେ ପ୍ରାୟ ୨୦୦ ଜଣ କର୍ମକର୍ତ୍ତା ଗଣତି ପକ୍ରିୟାରେ ନିୟୋଜିତ ହୋଇଥିଲେ।

## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘ ତରଫରୁ ୧ ୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, (ପି.ଏନ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ଗୃହ ବିଭାଗ ସ୍ୱୀକୃତି ପ୍ରାପ୍ତ ସଂଘ, ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘ ତରଫରୁ ସଭାପତି ଶ୍ରୀ ଚନ୍ଦ୍ରମଣି ତାଜନଙ୍କ ନେତୃତ୍ୱରେ ଏକ ପତିନିଧି ଦଳ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଅର୍ଥ ବିଭାଗ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ, ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ ତଥା ଉପନିର୍ଦ୍ଦେଶକ ଶ୍ରୀ ମନୋଜ ନାୟକଙ୍କୁ ଭେଟି ପ୍ରାଥମିକ ଶିକ୍ଷକ ମାନଙ୍କର ଏଲିମେ□ାରି କ୍ୟାଡର ନିୟମ ପ୍ରଚଳନ, ବିଭିନ୍ନ ବର୍ଗର ଶିକ୍ଷକ ଯଥା ମାଟ୍ରିକ୍ ସିଟି, +୨ ସିଟି, ବିଏ ସିଟି, ହିନ୍ଦୀ, ସଂସ୍କୃତ, କ୍ରୀଡା ଶିକ୍ଷକ, ଟିଜିଟି, ଶିକ୍ଷା ସହାୟକରୁ ନିୟମିତ ହୋଇଥିବା ବିଷୟ ଶିକ୍ଷକ, ମାଟ୍ରିକ ସିଟି ପଦବୀରେ ଥାଇ ବିଏଡ୍ ଯୋଗ୍ୟତା ଥିବା ଶିକ୍ଷକ, ଅର୍ଥ ବିଭାଗର ଏସ.ଓ.ପି. ଦ୍ୱାରା ଏଯାଏଁ କୌଣସି ଲାଭ ପାଇନଥିବା ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅନ୍ୟ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଦରମାଗତ ଅସଂଗତି ଦୂର କରିବା, ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଦ୍ୱିତୀୟ ଶ୍ରେଣୀ ପାହ୍ୟା ପ୍ରଦାନ, ଛାତ୍ରାବାସ ପରିଚାଳନା ଦାୟିତ୍ୱରୁ ଅବ୍ୟାହତି, ଅଧିକ ନିରୀକ୍ଷକ ପଦବୀ ସୃଷ୍ଟି କରି ବିଭାଗର



କାର୍ଯ୍ୟଦକ୍ଷତା ବୃଦ୍ଧି କରିବା, ବଦଳି ନୀତିରେ ପରିବ□ନ କରି ଅନ୍‌ଲାଇନ୍ ପୋର୍ଟାଲ ପ୍ରଚଳନ କରିବା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପଦୋନ୍ନତି ତଥା ସ୍ଥାୟୀ ଅଧ୍ୟକ୍ଷ ପଦବୀ ସୃଷ୍ଟି ତଥା ଅନ୍ୟାନ୍ୟ ୧୨ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସମସ୍ତଙ୍କୁ ପ୍ରଦାନ କରିଥିଲେ । ଏଥିପୂର୍ବରୁ ସଂଘ ଓଡ଼ିଶାର ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ତଥା ବିଭାଗୀୟ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମହୋଦୟଙ୍କୁ ମଧ୍ୟ ସାକ୍ଷାତ କରି ସଂଘ ମାଧ୍ୟମରେ ସମସ୍ତ ବର୍ଗର ଶିକ୍ଷକମାନଙ୍କର ଦାବୀ ଉପସ୍ଥାପନ କରିଛନ୍ତି । ସଦ୍ୟ ସମାପ୍ତ ହୋଇଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ମାନଙ୍କର ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମହୋଦୟ ସଂଘ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିବା ଦାବି ବିଷୟରେ ଆଲୋଚନା କରିଥିଲେ ବୋଲି ବିଭାଗର ଶାସନ ସଚିବ ମହୋଦୟା ସାକ୍ଷାତ ସମୟରେ କହିଥିଲେ ଏକଥା ସଂଘ ତରଫରୁ ସଚିବ ମହୋଦୟା ତଥା ନିର୍ଦ୍ଦେଶକ ମହୋଦୟଙ୍କୁ ବାରମ୍ବାର ଅବଗତ କରାଯାଇଛି ଓ ଏହି ପରିପ୍ରେକ୍ଷୀରେ ସଦ୍ୟ ପ୍ରତିଶ୍ରୁତି ମିଳିଛି ଯେ ଯଥାଶୀଘ୍ର କ୍ୟାଡର ନିୟମରେ ସକାରାତ୍ମକ ସଂଶୋଧନ ଓ ବିଭିନ୍ନ ଶିକ୍ଷକମାନଙ୍କର ଦରମାଗତ ଅସଂଗତି ଦୂର କରିବା ପାଇଁ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଆଗାମୀ ଦିନରେ ବିଭାଗରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ସମସ୍ତ ନ୍ୟାର୍ଯ୍ୟ ଦାବୀଗୁଡ଼ିକର ସମାଧାନ କରାଯିବ ଓ ବିଭାଗ ଅତି ନିକଟରେ ୧୯୯୩ ନିଯୁକ୍ତି ନିମୟରେ ଆବଶ୍ୟକ ସଂଶୋଧନ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନୁରୂପ ଏଲିମେ□ାରି କ୍ୟାଡର ଭଳି ଅବିକଳ ନିୟମ ଅନ୍ତର୍ଭୁକ୍ତ କରି ଓଡ଼ିଶାର କୋଣ ଅନୁକୋଣରେ ଦୀର୍ଘ ବର୍ଷ ହେବ ବିନା ପଦୋନ୍ନତି ଓ ଦରମାଗତ ଅସଂଗତିରେ ବିଭାଗରେ କାର୍ଯ୍ୟ କରୁଥିବା ପ୍ରାଥମିକ ଶିକ ଓ ଅନ୍ୟାନ୍ୟ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ନ୍ୟାର୍ଯ୍ୟ ଦାବିର ସମାଧାନ ସରକାର ନିଶ୍ଚିତ ରୂପେ କରିବେ ବୋଲି ସଂଘ ଦୃଢ ଆଶା ପୋଷଣ କରିଛି। ଯଦି ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏମିତି ଅବହେଳିତ କରି ରଖାଯାଏ ତେବେ ଆଗାମୀ ଦିନରେ ସଂଘ ଆମରଣ ଅନଶନ କରିବାକୁ ପଛେଇବ ନାହିଁ ବୋଲି ଉପସଭାପତି ଶ୍ରୀ ଦୈତାରୀ ଦିଗଲ, ଯୁଗ୍ମ ସମ୍ପାଦକ ଶ୍ରୀ ତ୍ରିଲୋଚନ ପଣ୍ଡା, ଜୋନାଲ୍ ସମ୍ପାଦକ ଶ୍ରୀମତୀ ଅନିମା ମହାପାତ୍ର, ଶ୍ରୀଯୁକ୍ତ ଉମା ପଣ୍ଡା ତଥା ଜିଲ୍ଲା ପ୍ରତିନିଧି ଶ୍ରୀ ସୁଜିତ୍ ଶାନ୍ତିକାମି ପ୍ରକାଶ କରିଛନ୍ତି । ସଂଘର ରାଜ୍ୟ ପ୍ରବକ୍ତା ଶ୍ରୀ ରାଜେନ୍ଦ୍ର ଜଗତ ଓ ମିଡ଼ିଆ ସଂଯୋଜକ ଶ୍ରୀ ଦିଲୀପ କୁମାର ଚୌଧୁରୀ ଓ ଜୟନ୍ତ କୁମାର ପାଣିଗ୍ରାହୀ ଏକଥା ଏକ ପ୍ରେସ୍ ବିବୃ□ରେ ପ୍ରକାଶ କରିଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



TUITION CLASSES for Std I to Std V

Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray